DHARAMA

# ଧରମା

ଘରୋଇ ପ୍ରସାରଣ ନିମନ୍ତେ

ଦ୍ୱିତୀୟ ବର୍ଷ | ଦ୍ୱିତୀୟ ସଂଖ୍ୟା | ସେପ୍ଟେମ୍ବର - ଡ଼ିସେମ୍ବର ୨୦୧୮

## ସମ୍ପାଦକୀୟ

୨୦୧୮ ଏପ୍ରିଲ ୧୩ ତାରିଖରେ ସମାଜରେ ଏକ ଖବର ପ୍ରକାଶ ପାଇଥିଲା ଯେ କଟକ ଜିଲ୍ଲା ଆଠଗଡ଼ ବ୍ଲକ ଅନ୍ତର୍ଗତ ଗୋବରା ପଞ୍ଚାୟତରେ ଓର୍ଦାଗାଁର ଘନଶ୍ୟାମ ଗଡ଼ସୁରା ନାମକ ଜଣେ ଶ୍ରମିକ ଅଜଣା ରୋଗରେ ଶଯ୍ୟାଶାୟୀ ହେଲେ । ଘରେ ସ୍ତ୍ରୀ ଓ ଛୋଟ ଛୋଟ ୩ ସନ୍ତାନ । ବଡ଼ ପୁଅ ରଘୁନାଥ ଗଡ଼ସରା ଟାଙ୍ଗି ଚୌଦ୍ୱାର ବ୍ଲକ ଅନ୍ତର୍ଗତ ତୁଳସୀପୁର ଆଶ୍ରମ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରୁ ବାଧ ହୋଇ ପାଠ ଛାଡ଼ି ନିର୍ମାଣ କ୍ଷେତ୍ରରେ ବାଧ ବାଧକତାରେ ନିର୍ମାଣ ଶ୍ରମିକ ଭାବରେ କାମ କରି ରୋଗିଣା ପିତାଙ୍କ ନିମନ୍ତେ ଅନ୍ନ ଯୋଗାଡ଼ କରିବାରେ ଲାଗିଲେ । (ସମାଜ ତା ୧୩.୪.୨୦୧୮ ଭୁବନେଶ୍ୱର) ଉକ୍ତ ଖବର ପ୍ରକାଶିତ ହେବାପରେ ରାଜ୍ୟ ସରକାର ଜିଲ୍ଲା ପ୍ରଶାସନକୁ ଅନୁଧ୍ୟାନ କରି ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଆଠଗଡ଼ ତହସିଲଦାର, ବିଡ଼ିଓ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଘନଶ୍ୟାମଙ୍କ ଘରେ ପହଞ୍ଚି ତାଙ୍କର ଚିକିତ୍ସା ବ୍ୟବସ୍ଥା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କରିବା ଓ ଅଧାରୁ ପାଠ ଛାଡ଼ିଥିବା ରଘୁନାଥର ପୁନର୍ବାର ପାଠ ପଢ଼ିବାର ବ୍ୟବସ୍ଥା କରିଥିଲେ । (ସମାଜ ୧୫.୪.୨୦୧୮ ଭୁବନେଶ୍ୱର) ପ୍ରଶାସନର ଏଭଳି ତ୍ୱରିତ ପଦକ୍ଷେପ ବେଶ ପ୍ରସଂଶନୀୟ । କିନ୍ତୁ କେବଳ ରଘୁନାଥ ନୁହନ୍ତି । ତାଙ୍କ ପରି ଶହଶହ ଛାତ୍ର ଛାତ୍ରୀ ପାଠ ଛାଡ଼ି ବାଳ ଶ୍ରମିକରେ ପରିଣତ ହେଉଛନ୍ତି ।

ଭାରତର ସମ୍ବିଧାନର ୨୧ ଧାରାରେ ବାଧ୍ୟତାମୂଳକ ଶିକ୍ଷା ଅଧିକାର ପ୍ରତ୍ୟେକ ୬ ବର୍ଷରୁ ୧୪ ବର୍ଷ ବାଳକ ବାଳିକାଙ୍କୁ ମାଗଣାରେ ମିଳିବାର ବ୍ୟବସ୍ଥା ରହିଛି । କିନ୍ତୁ ଏହି ସମ୍ବିଧାନିକ ବ୍ୟବସ୍ଥାକୁ ଆମେ ଚଳାଇ ରଖି ପାରିନାହୁଁ । ଅର୍ଥାତ୍ ସମସ୍ତଙ୍କୁ ବାଧ୍ୟତା ମୂଳକ ମାଗଣା ଶିକ୍ଷା ଦେଇ ନ ପାରିବା ହେତୁ ୨୦୦୯ ମସିହାରେ ଶିକ୍ଷା ଅଧିକାର ଆଇନ ଅଣାଯାଇ ଉପରୋକ୍ତ ସାମ୍ବିଧାନିକ ଦାୟୀତ୍ୱ ପାଳନର ପ୍ରତିଶ୍ରୁତି ଦେଲୁ । କିନ୍ତୁ ୨୦୧୧ ମସିହା ଜଣ ଗଣନାରେ ଓଡ଼ିଶାରେ ୩ ଲକ୍ଷ ୩୪ ହଜାର ୪ ଶହ ଶିଶୁ ଶ୍ରମିକ ଥିବା ଜନ ଗଣନାରୁ ଜଣାପଡ଼ିଲା । ୧୯୮୬ ମସିହା ଶିଶୁ ଶ୍ରମିକ (ନିରୋଧ ଓ ନିୟନ୍ତ୍ରଣ) ଆଇନ ବଳବତ୍ତର ଥିଲେ ମଧ୍ୟ ଶିଶୁ ଶ୍ରମିକ ନିରୋଧ କରାଯାଇ ପାରିଲା ନାହିଁ କି ନୟନ୍ତ୍ରଣ ମଧ୍ୟ କରାଯାଇ ପାରିଲା ନାହିଁ । ଅଧିକନ୍ତୁ ଅଧିକରୁ ଅଧିକ ଶିଶୁ ଶ୍ରମ ବଜାରରେ ପ୍ରବେଶ କଲେ । ଜଗତୀକରଣ ଓ ଉଦାରବାଦୀ ଅର୍ଥନୀତି ଶିଶୁ ଓ କିଶୋର ଶ୍ରମିକ ନିଯୁକ୍ତିକୁ ଆହୁରି ପ୍ରଶସ୍ତ କରିଛି । ପୁଞ୍ଜିର ମାଲିକ ଲାଭ ଓ ଲୋଭନେଇ ଶିଶୁ ଓ କିଶୋର ମାନଙ୍କୁ ନାନ ପ୍ରକାର ଶ୍ରମରେ ନିଯୁକ୍ତ କରୁଛି । କୃଷି କ୍ଷେତ୍ରରେ ସର୍ବାଧିକ ଶିଶୁ ଶ୍ରମିକ ନିଯୁକ୍ତି ପାଇଥିବା ବେଳେ ବାଣିଜିକ ସଂସ୍ଥା ହୋଟେଲ, ଗ୍ୟାରେଜ, ନିର୍ମାଣ ଓ ବିନିର୍ମାଣ କ୍ଷେତ୍ରରେ ଶିଶୁ ଶ୍ରମିକ ମାନଙ୍କୁ ବ୍ୟାପକ ଭାବରେ ନିଯୁକ୍ତି ଦିଆଯାଉଛି । ରଜ୍ୟର ଶ୍ରମ ଅଧିକାରୀମାନଙ୍କୁ ବିଭିନ୍ନ ସଂସ୍ଥା ମାନଙ୍କୁ ତଦାରଖ କରି ସେମାନଙ୍କୁ ଉଦ୍ଧାର କରିବା ଓ ମୁଖ୍ୟ ସ୍ରୋତରେ ପୁନଃ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ସେମାନେ ଏ ଦିଗରେ ବିଶେଷ ତତପରତା ଦେଖାଉନାହାନ୍ତି । ସମ୍ବାଦପତ୍ର ମାନଙ୍କରେ ଖବର ପ୍ରକାଶ ପାଇଲେ କାଁ ଭାଁ ଲୋକ ଦେଖାଣିଆ ଶିଶୁ ଶ୍ରମିକ ଉଦ୍ଧାର କାର୍ଯ୍ୟ ଚାଲୁଛି । କିନ୍ତୁ ବ୍ୟବସ୍ଥାର କିଛି ପରିବର୍ତ୍ତନ ଆସୁନାହିଁ ।



ମୁଖ୍ୟ ପରାମର୍ଶଦାତା
ଡ଼ ଲକ୍ଷ୍ମୀଧର ମିଶ୍ର

ମୁଖ୍ୟ ସଂପାଦକ
ଡ଼ ଗୋଲକ ବିହାରୀ ନାଥ

ସଂପାଦକ
ଶ୍ରୀ ରକ୍ଷାକର ଅନୁପମ

ସଂପାଦନା
ଶ୍ରୀମତୀ ସୁଷମା ସାହୁ
ଶ୍ରୀ ସମ୍ବିତ ମିଶ୍ର

## ଭିତର ପୃଷ୍ଠାରେ...

- ଆମ ପିଲାଙ୍କ ଭବିଷ୍ୟତ: ଅନ୍ଧକାର କି
- ଶିଶୁ ଅଧିକାର ଓ ଶିକ୍ଷା: ଏକ ଦୃଷ୍ଟିପାତ
- ଇଟାଭାଟିର ଶିଶୁ ଶ୍ରମିକ
- ନିର୍ମାଣ ଶ୍ରମିକ ପିଲାଙ୍କ ସ୍ୱାସ୍ଥ୍ୟ
- ଶ୍ରମିକ ପିଲାଙ୍କ ପାଇଁ ସ୍କୁଲଟିଏ
- ଧରମା ପ୍ରତିଷ୍ଠାନ ପକ୍ଷରୁ ଶିଶୁ ମହୋତ୍ସବ



ଯେତେଦିନ ପର୍ଯ୍ୟନ୍ତ ରାଜ୍ୟରେ ଦାରିଦ୍ରତା ରହିଛି ସେତେଦିନ ପର୍ଯ୍ୟନ୍ତ ସରକାରଙ୍କର ଆଇନ କାନୁନ ଏହାକୁ ଦୂର କରି ପାରିବ ନାହିଁ । କାରଣ ଦାରିଦ୍ରତାରେ ଜର୍ଜରିତ ଶ୍ରମିକ ତାର ସନ୍ତାନ ସନ୍ତତି ମାନଙ୍କୁ ବାହାରକୁ ଯାଇ କୌଣସି ବୃତ୍ତିରୁ ଦୁଇ ପଇସା ରୋଜଗାର କରି ଘରକୁ ଆୟ ବୃଦ୍ଧିରେ ସାହାଯ୍ୟ କରନ୍ତୁ ବୋଲି ଚାହିବ । ସେହିପରି ମାଲିକ ଶିଶୁ ଓ କିଶୋର ଶ୍ରମିକ ଶସ୍ତାରେ ମିଳୁଥିବାରୁ ସେମାନଙ୍କ ଠାରୁ ଅଧିକ ସମୟ କାମ ପାଇବାରେ କିଛି ଅସୁବିଧା ନଥିବାରୁ ସେମାନଙ୍କୁ ନିଯୁକ୍ତି ଦେବାରେ ଆଗ୍ରହ ପ୍ରକାଶ କରିଥାନ୍ତି । ତେଣୁ ଶିଶୁ ଶ୍ରମିକର ପିତାମାତା ଓ ପୁଞ୍ଜିର ମାଲିକ ଉଭୟ ଏଥିରେ ଉପକୃତ ହେଉଥିବାରୁ ସହଜରେ ଏ ପ୍ରକାର ବ୍ୟବସ୍ଥାର ବିଲୁପ୍ତି ଘଟାଯାଇ ପାରୁନାହିଁ । ତେଣୁ ଉଭୟଙ୍କୁ ଶିଶୁ ଶ୍ରମିକର ଭବିଷ୍ୟତ ନେଇ ସଚେତନତା କରାଇବାକୁ ପଡ଼ିବ । ଏହି ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାକୁ ଧରମା ଅନୁଷ୍ଠାନ ବଦ୍ଧ ପରିକର । ତେଣୁ ଆସନ୍ତୁ "ଧରମା" ହାତମୁଠାକୁ ଶକ୍ତିଶାଳୀ କରିବା ।




## ଧରମା ଫାଉଣ୍ଡସନ ପକ୍ଷରୁ ବାଣୀ ବିହାର ବିଶ୍ୱବିଦ୍ୟାଳୟ ଠାରେ ଶିକ୍ଷାବୃତ୍ତି ସହାୟତା ବିଷୟରେ ଆଲୋଚନା ସଭା

### ନିର୍ମାଣ ଶ୍ରମିକ କଲ୍ୟାଣ କୋଷରୁ ନିମ୍ନ, ଉଚ୍ଚ ମାଧ୍ୟମିକ, ଯୁକ୍ତ ୨, ଯୁକ୍ତ ୩ ଓ ପି.ଜି ପିଲାଙ୍କ ନିମନ୍ତେ ଶିକ୍ଷା ବୃତ୍ତି ସହାୟତା

| କ୍ର.ନଂ | ଶ୍ରେଣୀ | ବର୍ଷକୁ(ଟଙ୍କା) |
|---|---|---|
| ୧ | ୬ଷ୍ଠ ଓ ୭ମ ଶିକ୍ଷା ପାଇଁ (କେବଳ ଝିଅ) | ୨,୦୦୦/- |
| ୨ | ୮ମ ଶିକ୍ଷା ପାଇଁ | ୨,୦୦୦/- |
| ୩ | ୯ମ ଶିକ୍ଷା ପାଇଁ | ୩,୦୦୦/୪ |
| ୪ | ୧୦ମ ଶିକ୍ଷା ପାଇଁ | ୪,୦୦୦/- |
| ୫ | +୨, ଶିକ୍ଷା ପାଇଁ | ୫,୦୦୦/୬ |
| ୬ | +୩, ଶିକ୍ଷା ପାଇଁ | ୭,୦୦୦/- |
| ୭ | ଆଇ.ଟି.ଆଇ ଶିକ୍ଷା ପାଇଁ/ ପିଜି ଶିକ୍ଷା ପାଇଁ, | ୭,୦୦୦/- |
| ୯ | ଡ଼ିପ୍ଲୋମା ଶିକ୍ଷା ପାଇଁ | ୧୦,୦୦୦/- |
| ୧୦ | ଟେକ୍ନିକାଲ ଶିକ୍ଷା ପାଇଁ | ୧୦,୦୦୦/- |
| ୧୧ | ଯେଉଁ ଛାତ୍ରଛାତ୍ରୀମାନେ ଦଶମ ଶ୍ରେଣୀରେ ୯୦ ଶତକଡ଼ାରୁ ଅଧିକ ରଖିବେ ସେମାନଙ୍କ ପାଇଁ ଏକକାଳୀନ ଦଶ ହଜାର ଟଙ୍କା ଦିଆଯିବ | ୧୦,୦୦୦/- |
| ୧୨ | ବି.ଇଡ଼ି, ସିଟି, ବି.ଟେକ୍, ଏମ୍‌ସିଏ, ଏମ୍‌ବିଏ, ଏମ୍‌ଏସ୍‌ସି, ବି.ଫାର୍ମ, ଏମ୍.ଫାର୍ମ, ହୋଟେଲ ମେନେଜମେଣ୍ଟ, ଡ଼ାକ୍ତରି, ନର୍ସ ଟ୍ରେନିଂ | ୪୦,୦୦୦/- |

# ଆମ ପିଲାଙ୍କ ଭବିଷ୍ୟତ: ଅନ୍ଧକାର କି

ପ୍ରଫେସର ରାଧାକାନ୍ତ ବାରିକ

ପ୍ରତିଦିନ ବୁଲିବାକୁ ଗଲାବେଳେ ଗୋଟିଏ ଦୁଇଟି ପରିବାର ଘର କାମକରୁଥିବା ଦେଖେ, ତାଙ୍କର ଛୋଟ ଛୋଟ ୩ ଟି ପିଲା ସେଇ ପରିବାର ସହ ବୁଲୁଥିବାର ଦେଖିବାକୁ ହୁଏ । ଦୁଇଟି ଝିଅ ଆଉ ଗୋଟିଏ ପୁଅ । ବୟସ ୨ ରୁ ୪ ବର୍ଷ ଭିତରେ । ବର୍ଷା ଶୀତ ଆଉ ଗରମର ଲୁ ବହୁଥିବା ବେଳେ ଏଇ ତିନୋଟି ପିଲା ତାଙ୍କ ମା ବାପା ସହ ଆସନ୍ତି । ସକାଳୁ ବାପାମାଙ୍କ ସହ ରୋଟି ଖାଆନ୍ତି, ବାପା ମା କାମକୁ ଯାଆନ୍ତି । ଏଇ ତିନିଜଣ ପିଲାଙ୍କ ଭିତରେ ଭଲ ବନ୍ଧୁତ୍ୱ ଅଛି । କେବେ ଝଗଡ଼ା କରନ୍ତି ନାହିଁ, ସେମାନେ ମାଟି, ବାଲିରେ ମିଶେଇ କଣ୍ଢେଇ କରନ୍ତି । ସେମାନଙ୍କ ବୌଦ୍ଧିକ ବିଚାର କରିବାର କ୍ଷମତା ଅଛି, ସେମାନେ ବିଭିନ୍ନ ପ୍ରକାର ଖେଳ ଖେଳନ୍ତି । ନିଜ ଭାବନାକୁ ଲଗାଇ ଖେଳନ୍ତି । ପାଖରେ ଥିବା ଗାଈ ଗୋରୁ ରଖିଥିବା ଲୋକଟି ତାଙ୍କ ମଝିରେ ମଝିରେ ପ୍ଲାଷ୍ଟିକ ବୋତଲରେ ଆଣି ଦୁଧ ଦିଏ । ସେଇ ଦୁଧ ବୋତଲକୁ ଧରି ଏଇ ତିନିଜଣ ପିଲା ପଡ଼ିଆରେ ଦୌଡ଼ନ୍ତି । ଗୋଟିଏ ଆନନ୍ଦ ମୁହୂର୍ତ୍ତ ସେମାନେ ଅନୁଭବ କରନ୍ତି । କେତେବେଳେ କେମିତି ମୁଁ ଆଣି ପାଚିଲା କଦଳୀ ଦିଏ, ସେଇ କଦଳୀ ସେମାନେ ବାଣ୍ଟି ନିଅନ୍ତି । ଖାଇଲା ପୂର୍ବରୁ ତାଙ୍କ ହସକୁ ଦେଖିଲେ ଜଣା ପଡ଼େ ତାଙ୍କ ହସର ଉତ୍ସ ଆସି ଯାଇଛି । ଏଇ ମୂହୁର୍ତ୍ତକୁ ଏବେ କଳ୍ପନା କରାଯାଉ, ଆଉ ଆମ ଆଲୋଚନା ଭିତରକୁ ଅଣାଯାଉ ।

ଏଇ ତିନିଜଣ ଛୋଟ ପିଲାଙ୍କର ଶରୀରର ଆଉ ମାନସିକ ଅଭାବକୁ ଆମ୍ଭେ ଅନୁଭବ କରିପାରୁ । ସେମାନଙ୍କ ଖାଇବାରେ ଦୁଧ ନାହିଁ । ତାଙ୍କ ଖାଇବାରେ ଫରକ ନାହିଁ । ସେହି ପିଲାଙ୍କର ବୌଦ୍ଧିକ ବିଚାର ଦେଖି ଆମେ ଅନୁଭବ କରିପାରୁ ଯେ "ଏଇ ପିଲାମାନଙ୍କର ବିଚାର ଶକ୍ତିକୁ ବଢ଼େଇବାରେ ଶିକ୍ଷାର ପ୍ରୟୋଜନ ଅଛି । ଯେଉଁ ପିଲା ମିଳିକରି ରୁହନ୍ତି । ଝଗଡ଼ା ନକରି ବନ୍ଧୁତ୍ୱ ପ୍ରତିଷ୍ଠା କରନ୍ତି । ସେହି ପିଲାମାନଙ୍କର ହାତ ଗୋଡ଼ ଲଗେଇ ବିଭିନ୍ନ ଖେଳ ତିଆରି କରନ୍ତି । ତାଙ୍କର କଅଁଳିଆ ଆଙ୍ଗୁଠି ଲଗେଇ ଛୋଟ ଛୋଟ କଣ୍ଢେଇ ତିଆରି କରନ୍ତି । ସେମାନେ ସିଲଟ ଖଡ଼ି ଧରିଲେ ଅ ଆ ଇ ଈ ଲେଖିପାରିବେ । ସେମାନେ ମିଶାଣ ଗୁଣାଣ କରି ପାରିବେ । ସେମାନେ ଖାତା ପେନସିଲ ଧରିଲେ ପକ୍ଷୀମାନଙ୍କର ଆଉ ଗଛମାନଙ୍କର ଚିତ୍ର ତିଆରି କରି ପାରିବେ, ମଣିଷର ଯେତେ ଭାବ ଅଛି ସେଇ ପିଲାମାନଙ୍କର ସେଇ ଭାବ ସବୁ ଅଛି । ସେମାନେ ଆନନ୍ଦରେ ହସନ୍ତି । ସେମାନେ ଦୁଃଖରେ କାନ୍ଦନ୍ତି, ସେମାନେ ତାଙ୍କ ମା ବାପା ଉପରେ ରାଗିଲେ ବୋଉକୁ ମାରନ୍ତି । ଏଇ ସବୁ ଭାବକୁ ନେଇ ସେମାନେ ପ୍ରୟୋଗ କଲେ ସେମାନେ କବିତା ଆଉ ଗପବି କହି ପାରନ୍ତି । ସେମାନେ ସାହିତ୍ୟ ପାଠ କରି ପାରିବେ ।

ତାଙ୍କ ପେଟରେ ଭୋକ ଅଛି, ତେଣୁ ସେମାନେ ଦୁଧ ବୋତଲ ଧରି ଆନନ୍ଦରେ ଗଡ଼ି ଯାଇ ଅଛନ୍ତି । ତାଙ୍କ ମାନର୍ସ ଭୋକ ଅଛି ଫଳରେ ସେମାନେ କଣ୍ଢେଇ ତିଆରି କରି ପାରୁଅଛନ୍ତି । ସେମାନେ ବାପା ମାଙ୍କର କାମରେ ହାତ ଦିଅନ୍ତି । ଇଟା ଆରପ ଟେକି ନିଅନ୍ତି । ତାଙ୍କର କାମ ଶିଖିବାର ଇଛା ଶକ୍ତି ଅଛି । ପାଠ ପଢ଼ିବାର ମନ ଅଛି । ତାଙ୍କର ଖାଇବାର ଇଛା ଅଛି । ଏଇ ସବୁ ଇଛାକୁ ବାପା ମା ପୁରଣ କରିପାରେ ନାହିଁ । ତେଣୁ ସମାଜ ଆଉ ସରକାରର ପ୍ରୟୋଜନିତାକୁ ପୁରଣ କରି ପାରିବ । ସମାଜ ଯେତେବେଳେ କରି ପାରିବ ନାହିଁ ସରକାର କରି ପାରିବ । ସାହିରେ ଥିବା ପାଠ ପଢୁଥିବା ପୁଅ ବା ଝିଅଟିଏ ଆସି ତାଙ୍କ ପାଖରେ ବସି ତାଙ୍କୁ ବହିରୁ ଥିବା ଚିତ୍ର ଦେଖାଇ ଚିହ୍ନିବାକୁ କହିଥାନ୍ତି । ସେମାନଙ୍କ ବାପା ମାଙ୍କ ସହ ଏତେ ଦୂରକୁ ଆସୁଥିବାରୁ ସେମାନଙ୍କ ମାନସିକ ଶକ୍ତି ଅନ୍ୟ ପିଲାମାନଙ୍କ ଠାରୁ ଅଧିକ । ସେମାନେ ନିଜ ସାମନାରେ ଗଛ ଚଢ଼େଇ କୋଠି ଦେଖୁଅଛନ୍ତି । ସେମାନେ ବାଲି ଉପରେ ଏଇ ଚିତ୍ର ଆଙ୍କୁ ଅଛନ୍ତି । ସେମାନେ ଏଇ ସବୁ ଚିତ୍ର ଦେଖି ଚିହ୍ନିବାକୁ ସହଜ ହୋଇ ଥାଆନ୍ତି ।

କିନ୍ତୁ ସେମାନଙ୍କର ସାହି ନଥିବାରୁ ସେମାନେ ଏକାଠି ସହରକୁ ପଳେଇ ଆସି ଅଛନ୍ତି । ସାହିରେ ଥିବା ଯୁବକ ଯୁବତି ଆସି ଦିଲ୍ଲୀ ସହରରେ କାମ କରନ୍ତି । ସେମାନଙ୍କ କାମ କରିବାର ଶକ୍ତି ଥିବାରୁ ସେମାନେ କୋପ ତିଆରିରେ ସାହାଯ୍ୟ କରନ୍ତି । କିଏ ପଥର, ଇଟା ବୋହିକରି ନିଏ । କିଏ ସିମେଣ୍ଟ ବାଲି ନିଏ । ଘର ଉପରେ ଘର ତିଆରି ହୁଏ ସେମାନେ ସେଇ ପାଖରେ ପ୍ଲାଷ୍ଟିକ ପକେଇ କରି ରୁହନ୍ତି । ଗରମରେ ସେହି ପିଲାମାନେ ବାହାରକୁ ଆସି ଗଛ ମୂଳେ ବସନ୍ତି । ବର୍ଷାରେ ଜାକିଜୁକି ହୋଇ ଏକାଠି ବସନ୍ତି ଖରାରେ ଏତେ ଗରମ ହୁଏ ବେଳେ ବେଳେ ତାଙ୍କ ପ୍ଲାଷ୍ଟିକରେ ନିଆଁ ଲାଗିଯାଏ । ସେମାନେ ଗୃହ ଶୂନ୍ୟ ହୋଇ ଯାଆନ୍ତି । ସେମାନେ ଖୋଲା ଆକାଶ ତଳେ ବାପାମାଙ୍କ ସହ ରୁହନ୍ତି । ତାଙ୍କ ସାହିର ସବୁ ଲୋକ ଏଇଠି, ସେମାନେ ସବୁ ଆସି ଏଇ Construction site ରେ କାମ କରନ୍ତି । ସେମାନେ ଅନ୍ୟ ଯାଗାରେ କାମ ପାଆନ୍ତି ନାହିଁ । ସବୁ ଠାରୁ ଅଧିକ ଶ୍ରମିକ ଗାଁରୁ ଆସି ଏଇ ସବୁ ଯାଗାରେ ରୁହନ୍ତି । ଏଠାକାର ଅସୁସସ୍ଥ ବାୟୁମଣ୍ଡଳରେ ରୁହନ୍ତି । ସେମାନଙ୍କ ପାଖରେ ପାଇଖାନା ଗାଧୋଇବା ଘର ନଥାଏ । ଗ୍ରାମର ସମାଜ ହୁଏତ ତାଙ୍କୁ ସାହାଯ୍ୟ କରି ପାରିନାହିଁ । ବର୍ଷା ଅଭାବରୁ ଜମିରେ ଫସଲ ହେଲା ନାହିଁ, ସ୍ୱାସ୍ଥ୍ୟ ଖରାପ ଯୋଗୁଁ କିଏ ଗାଁରେ ଥିବା Money lender ଠାରୁ ପଇସା ନେଇ ଅଛନ୍ତି । ସେଇ ଉଧାର ସୁଜିବା ପାଇଁ ଦିଲ୍ଲୀରେ କାମକରିବାକୁ ତାଙ୍କ ସାହି ଭାଇଙ୍କ ସହ ଆସିଅଛନ୍ତି, ଦିଲ୍ଲୀରେ ଗୋଟିଏ କାମ ଚାଲିଛି Construction work- ଯୁଆଡ଼େ ଦେଖିବ କୋଠା କୋଠା, ଫଳରେ ଆଗରୁ ଥିବା ଗଛ ବୃକ୍ଷ କୁଆଡ଼େ ଗଲାଣି ।

ଗ୍ରାମ ସମାଜରେ ଗୋଟିଏ ପ୍ରାଇମେରୀ ସ୍କୁଲ ଥିଲା, ସ୍କୁଲ ସହ ଅଙ୍ଗନୱାଡ଼ି ଥିଲା, ତାହା ସରକାର ତିଆରି କରିଥିବାରୁ ସେମାନଙ୍କ ପିଲା ସେଇ ଅଙ୍ଗନୱାଡ଼ି ଯାଇ ଖେଳି ଥାଆନ୍ତି । ସେଇଠି ଦିଆ ହେଉଥିବା ଦୁଧ ଆଉ ଅଣ୍ଡା ଖାଇ ଥାଆନ୍ତେ, ଅଙ୍ଗନୱାଡ଼ିରୁ ବାହାରି ସେମାନେ ପ୍ରାଥମିକ ସ୍କୁଲକୁ ଯାଇଥାଆନ୍ତେ, ସେଠାରେ ବି Mid day Meal ଖାଇଥାଆନ୍ତେ । ସେମାନଙ୍କର ଖାଇବାର ଅଭାବ କିଛି ପରିମାଣରେ ପୁରଣ ହୋଇ ପାରି ଥାଆନ୍ତା । ସେମାନଙ୍କର ଘରେ କେହି ନଥିବାରୁ ସେମାନେ ବାପାମାଙ୍କ ସହ ଏଇ ବିରାଟ ସହରକୁ ଆସିଅଛନ୍ତି । ଏଇଠି ତାଙ୍କ ଘର ଏଇ ପ୍ଲାଷ୍ଟିକ କଭର ଥିବା ଘରେ ରହୁଅଛନ୍ତି । ଏଇଠି ଖେଳିବାକୁ ହେଲେ ସେମାନେ ଇଟା ପଥରରେ ଖେଳୁଛନ୍ତି । ତାଙ୍କୁ ଦୁଧ ବା ଅଣ୍ଡା କିଛି ନ ମିଳିବାରୁ ଅସୁସ୍ଥ ହୋଇ ରହୁଅଛନ୍ତି । ସେମାନଙ୍କ ଘରେ ପଇସା ନଥିବାରୁ ସେମାନଙ୍କୁ ରୁଟି ଆଉ ଡ଼ାଲି ଖାଇ ରହୁ ଅଛନ୍ତି ।

ସେମାନଙ୍କ ସହ ଅନ୍ୟ ରାଜ୍ୟରୁ ଆସିଥିବା ଲକ୍ଷ ଲକ୍ଷ ଶ୍ରମିକ ଆସି ଏଇଠି ଅସୁସ୍ଥ ବାୟୁମଣ୍ଡଳରେ ରହୁଅଛନ୍ତି । ଏହି ପିଲାମାନଙ୍କ ପାଇଁ ସରକାର ନା ଅଙ୍ଗନୱାଡ଼ି ଦେଇଛି । ସରକାର ଏଇଠି Volunteer କୁ ଏଇ ସୁଯୋଗ ଦେଇ ପାରିଥାଆନ୍ତି, ଏଇଠି ସରକାର ସେଇ Volunteer କୁ ଅଙ୍ଗେନୱାଡ଼ି ଚଳେଇବାକୁ ଦେଇଥାଆନ୍ତା, ଯେଉଁଠି ଏଇ ପିଲାଙ୍କର ବାପାମା କାମ କରୁଅଛନ୍ତି ସେମାନେ ସେଇ ଅଙ୍ଗେନୱାଡ଼ିରେ ଯାଇ ପଢ଼ି ଥାଆନ୍ତେ । ଖେଳି ଥାଆନ୍ତେ, ଦୁଧ ପିଇ ଥାଆନ୍ତେ । କିନ୍ତୁ ହୋଇଛି- ସରକାର ତାଙ୍କୁ ଅସୁସ୍ଥ ଆଉ ଭୋକିଲା ଶୁସ୍ତତା ସେମାନେ ଗଢି ହେଲା ସେମାନଙ୍କର ମାନସିକ ଶକ୍ତି ନଗଢି ସେମାନେ ମାନସିକ ଦୁର୍ବଳ ଶିଶୁ ହେବେ । ଖାଇବା ଅଭାବରେ ତାଙ୍କ ଶରୀର ଦୁର୍ବଳ ହୋଇ ଯିବା ତାଙ୍କୁ ଶିକ୍ଷା ନ ମିଳିଥିବାରୁ ସେମାନେ ନିଜ ନିଜର ଅଧିକାର ପାଇଁ ସଂଘର୍ଷ କରି ପାରିବା କଷ୍ଟ ହେବ ।

ଆମ ଗଣତନ୍ତ୍ରର ଭବିଷ୍ୟତ ନାଗରିକ ଅକ୍ଷର ନ ଶିଖି ଦସ୍ତଖସ୍ତ କରି ପାରିବ ନାହିଁ । ଆମ ଗଣତନ୍ତ୍ରରେ ପିଲାଏ ଭୋକିଲା, ଶୋଷିଲା, ନିରକ୍ଷରତାର ଅଭାବରେ ଚଳିବେ ଆଉ ତାଙ୍କର ନାଗରିକତାର ସ୍ୱରୂପକୁ ଆମ୍ଭେ ପରିକଳ୍ପନା କରିପାରିବା, ତାଙ୍କୁ ଗାଁର ସାହୁକାର ଡ଼ରେଇବ, ତାଙ୍କ ଫସଲ କିଣିବାରେ ବ୍ୟବସାୟୀ ଠକିବ । ତାଙ୍କୁ ଭୋଟ ଦେବାକୁ ବାଧ୍ୟକରିବ ଆସି ଗାଁରେ ଥିବା ପହଲମାନ ।ଆମ ଗଣତନ୍ତ୍ରର ରୂପରେଖ ବିଷୟରେ ଭାବିଲେ ଆମ୍ଭେମାନେ ବିଚଳିତ ହେବା, ଆମର ହୃଦୟ ଆଉ ମାନସିକ ସ୍ଥିରତା ରହିବ ନାହିଁ ।

# ଶିଶୁ ଅଧିକାର ଓ ଶିକ୍ଷା: ଏକ ଦୃଷ୍ଟିପାତ

ପ୍ରଫେସର ମନୋରଞ୍ଜନ ମହାନ୍ତି
ଅବସରପ୍ରାପ୍ତ ପ୍ରାଧ୍ୟାପକ,
ଦିଲ୍ଲୀ ବିଶ୍ୱବିଦ୍ୟାଳୟ

ସଭ୍ୟ-ମୂଲ୍ୟବୋଧର କ୍ରମବିକାଶର ଇତିହାସରେ "ମାନବିକ ଅଧିକାରର ବିଶ୍ୱଜନୀନ ଘୋଷଣାନାମା" ଏକ ଯୁଗାନ୍ତକାରୀ ଘଟଣା । ପ୍ରତ୍ୟେକ ବ୍ୟକ୍ତି କେଉଁ ମୌଳିକ ଅଧିକାର ଓ ସ୍ୱାଧୀନତା ଉପଭୋଗ କରିପାରିବ ସେ ସମ୍ବନ୍ଧରେ ଏହି ଘୋଷଣାନାମ ହେଉଛି ବିଶ୍ୱ-ବିବେକର ଏକ ପ୍ରତିଫଳନ ଓ ଏକ ଆନ୍ତର୍ଜାତିକ ଦଲିଲ । ଜାତିସଂଘର ସାଧାରଣ ପରିଷଦରେ ୧୯୪୮ ଡ଼ିସେମ୍ବର ୧୦ ତାରିଖ ଦିନ ଏହି ଘୋଷଣାନାମାଟି ଗୃହୀତ ହୋଇଥିଲା । ଏହି ଘୋଷଣାନାମାରେ ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନତା, ସମତା ଓ ମର୍ଯ୍ୟାଦାର ବାର୍ତ୍ତା ସ୍ପଷ୍ଟ ଭାବରେ ବ୍ୟକ୍ତ ହୋଇଛି । ଯୁଗ ଯୁଗ ଧରି ବିଭିନ୍ନ ସମାଜରେ ରହି ଆସିଥିବା ନାନା ଭେଦଭାବ, ଅନ୍ୟାୟ, ଶୋଷଣ, କ୍ରୂରତା, ହିଂସା ଓ ଅମାନବିକତା ବିରୁଦ୍ଧରେ ଏହା ଏକ ମୂଲ୍ୟବୋଧଭିତ୍ତିକ କ୍ରାନ୍ତିକାରୀ ନିବେଦନ । ଏହି ଘୋଷଣାନାମାର ପ୍ରଥମ ଧାରାଟିରେ ବ୍ୟକ୍ତ ହୋଇଛି ଯେ ସବୁ ମଣିଷ ସ୍ୱାଧୀନ ଓ ସମାନ ଭାବରେ ଜନ୍ମ ହୋଇଛନ୍ତି । ପ୍ରତ୍ୟେକ ବ୍ୟକ୍ତି ଭିତରେ ବିବେକ ଓ ବିଚାରଶୀଳତା ରହିଛି । ଆମେ ସମସ୍ତେ ପରସ୍ପର ପ୍ରତି ଭ୍ରାତୃତ୍ୱପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିବା ଦରକାର ଓ ଆମେ ସମସ୍ତେ ସେହି ବ୍ୟବହାର ମଧ୍ୟ ପାଇବା ଆବଶ୍ୟକ ।

ମାନବିକ ଅଧିକାରର ବିଶ୍ୱଜନୀନ ଘୋଷଣାନାମା ପରେ ଏହାର ବାସ୍ତବ ରୂପାୟନ ପାଇଁ ବିଭିନ୍ନ ସ୍ତରରେ କେତେକ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପ୍ରକ୍ରିୟାରେ ନାନା ଆନ୍ତର୍ଜାତିକ ସମ୍ମିଳନୀ, ମାନବିକ ଅଧିକାର ସନ୍ଧି ସମିତି, ସାର୍ବଜନୀନ ସମୀକ୍ଷା ଓ ବିଭିନ୍ନ ରାଜିନାମାମାନ ସଂଘଟିତ ହୋଇଛି । ଏହାର ପ୍ରଭାବ ଓ ପରିଣାମରୁ ବିଭିନ୍ନ ରାଷ୍ଟ୍ରରେ ଜାତୀୟ ସ୍ତରରେ ମାନବିକ ଅଧିକାରର ସୁରକ୍ଷା ଓ ଆଇନଗତ ନିରାପତ୍ତା ପାଇଁ ପ୍ରୟାସ କରାଯାଇଛି । ଆମ ଦେଶର ସମ୍ବିଧାନରେ ମଧ୍ୟ ପ୍ରତ୍ୟେକ ନାଗରିକର ମୌଳିକ ଅଧିକାରର ଚିତ୍ର ସ୍ପଷ୍ଟ ଭାବରେ ବ୍ୟକ୍ତ ହୋଇଛି । ଭାରତୀୟ ସମ୍ବିଧାନ ନାଗରିକ ମାନଙ୍କର ମୌଳିକ ଅଧିକାର, କର୍ତ୍ତବ୍ୟ ଓ ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ ବିଷୟରେ ଆଦର୍ଶମାନ ବ୍ୟକ୍ତ କରିଛି । ଏଥିରେ ସମାନତା, ବ୍ୟକ୍ତି ସ୍ୱାଧୀନତା, ଧାର୍ମିକ, ସାଂସ୍କୃତିକ ଓ ଶୈକ୍ଷିକ ଅଧିକାରର ଚିତ୍ର ରହିବା ସହ ଶୋଷଣ, ଭେଦଭାବ ବିରୁଦ୍ଧରେ ଆଇନଗତ ବ୍ୟବସ୍ଥା ରହିଛି ।

ଏହି ପୃଷ୍ଠଭୂମିରେ ଆନ୍ତର୍ଜାତିକ ସ୍ତରରେ ହେଉ ବା ଜାତୀୟ ସ୍ତରରେ ହେଉ "ଶିଶୁ ଅଧିକାର" ଏକ ମୌଳିକ ପ୍ରସଙ୍ଗ ଭାବେ ଆଲୋଚିତ ହେବା ଦେଖାଯାଏ । ମାନବ ସମୁଦାୟରେ ଶିଶୁମାନେ ହେଉଛନ୍ତି ମହାମୂଲ୍ୟ ସଂପଦ । ସେମାନେ ସ୍ୱାର୍ଥପରତା, ଆବିଳତା, ଜଟିଳତା, ଛଦ୍ମତା ବା ଶଠତାର ଊର୍ଦ୍ଧ୍ୱରେ । ଶିଶୁ ଓ କିଶୋର ବୟସ ମନୁଷ୍ୟ ଜୀବନର ସବୁଠାରୁ ଦୁର୍ମୂଲ୍ୟ ଅବସ୍ଥା । ତେବେ ପରିତାପର ବିଷୟ ସମାଜରେ ଶିଶୁ ଓ କିଶୋର ଅବସ୍ଥା ହେଉଛି ଏକ ଅସହାୟ ଓ ଅସୁରକ୍ଷିତ ଅବସ୍ଥା । ଏହି କାରଣରୁ ଆନ୍ତର୍ଜାତିକ ଘୋଷଣାନାମାରେ ମଧ୍ୟ ଯେପରି କୌଣସି ଶିଶୁ କୌଣସି ପ୍ରକାରର ଭେଦଭାବର ଶିକାର ନହୁଏ ଓ ଏକ ସୁଖକର ଶୈଶବ ଅତିବାହିତ କରିବାର ସୁଯୋଗ ପାଏ ସେ ପାଇଁ ଅଭିବ୍ୟକ୍ତି ରହିଛି । ପ୍ରତ୍ୟେକ ଶିଶୁର ନାମ ଓ ଜାତୀୟତା ରହିବା ମାନବିକ ଅଧିକାରର ଘୋଷଣାନାମା ବ୍ୟତୀତ ଶିଶୁ ଅଧିକାର ସଂପର୍କରେ ୧୯୫୯ ରେ ଜାତିସଂଘ ଏକ ସ୍ୱତନ୍ତ୍ର ଘୋଷଣାନାମା ପ୍ରକାଶ କରିଛି ଓ ଏଥିରେ ଦଶଟି ଧାରା ରହିଛି । କୌଣସି ଶିଶୁ ଜାତି, ବର୍ଣ୍ଣ, ଜାତୀୟତା, ଧର୍ମ ଇତ୍ୟାଦି କାରଣରୁ ଭେଦଭାବର ଶିକାର ହେବ ନାହିଁ । ତାର ଶାରୀରିକ, ମାନସିକ, ନୈତିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ସାମାଜିକ ପରିବେଶ ପାଇବ । ଯଦି କୌଣସି ଶିଶୁ ଦିବ୍ୟାଙ୍ଗ ବା ଭିନ୍ନ କ୍ଷମ ହୋଇଥାଏ, ସେହି କାରଣରୁ ସେ ହତାଦରର ଶିକାର ହେବ ନାହିଁ । ତାର ବ୍ୟକ୍ତିତ୍ୱରଯଥାର୍ଥ ବିକାଶ ପାଇଁ ସ୍ନେହ ଓ ଆଦର ପାଇବ । ସେ ତାର ମା'ଠାରୁ ସେପରି କିଛି ପରିସ୍ଥିତି ନ ହେଲେ ବିଚ୍ଛିନ୍ନ ହେବ ନାହିଁ । ସେ ନିଜ ଦେଶର ବ୍ୟବସ୍ଥାରେ ମୁକ୍ତ ଓ ଅବୈତନିକ ଶିକ୍ଷା ପାଇବାକୁ ଯୋଗ୍ୟ ହେବ । କୌଣସି ପ୍ରାକୃତିକ ଦୁର୍ବିପାକ ବା ମାନବକୃତ ପ୍ରତିକୂଳ ପରିସ୍ଥିତିରେ ଶିଶୁମାନଙ୍କୁ ପ୍ରଥମେ ନିରାପତ୍ତା ଓ ସାହାଯ୍ୟ ଯୋଗାଇ ଦିଆଯିବ । କୌଣସି ପ୍ରକାରର ଉପେକ୍ଷା, ଅବହେଳା, ନିଷ୍ଠୁରତା ବା ଶୋଷଣରୁ ଶିଶୁମାନଙ୍କୁ ସୁରକ୍ଷା ଦିଆଯିବ । ଉପଯୁକ୍ତ ବୟସରେ ପଦାର୍ପଣ କରିବା ପୂର୍ବରୁ ସେ କୌଣସି ବୃତ୍ତିରେ ନିଯୁକ୍ତି ପାଇପାରିବ ନାହିଁ । ତାର ଶାରୀରିକ, ମାନସିକ ଓ ନୈତିକ ବିକାଶରେ ପ୍ରତିବଂଧକ ସୃଷ୍ଟି କାଲାପରି କାର୍ଯ୍ୟରେ ତାକୁ ନିୟୋଜିତ କାରାଯାଇ ପାରିବ ନାହିଁ । ତା ଭିତରେ ଉଦାରଭାବ, ସହନଶୀଳତା, ବଂଧୁତ୍ୱର ମନୋଭାବ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବାକୁ ପ୍ରୟାସ କରାଯିବ । ଏହି ଘୋଷଣାନାମାର ତିନି ଦଶନ୍ଧି ପରେ ୧୯୮୯ ରେ ଜାତିସଂଘର ସାଧାରଣ ପରିଷଦରେ ଶିଶୁ ଅଧିକାର ନେଇ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏଥିରେ ଶିଶୁମାନଙ୍କର ମୌଳିକ ନାଗରିକ ଅଧିକାର ଓ ମାନବିକ ଜୀବନବୋଧର ଏକ ବିସ୍ତୃତ ଚିତ୍ର ରହିଛି । ବିଶେଷକରି ଯେଉଁ ସ୍ଥିତିରେ ପିଲାମାନେ ନିଜର ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ସେକ୍ଷେତ୍ରରେ ସେମାନଙ୍କୁ କିପରି ସୁରକ୍ଷା ଦିଆଯାଇ ପାରିବ ତାହାର ବିସ୍ତୃତ ରୂପରେଖ ଦିଆଯାଇଛି ।

ଶିଶୁମାନଙ୍କର ଅଧିକାର ନେଇ ଆମ ଦେଶରେ ବିଭିନ୍ନ ଆଇନ୍, ନିୟମ ଓ ବ୍ୟବସ୍ଥା ରହିଛି । ଶିଶୁ ଓ କିଶୋର ମାନଙ୍କର ଅଧିକାରକୁ ସୁରକ୍ଷା ଦେବା ପାଇଁ ଆମ ଦେଶରେ ମଧ୍ୟ ଆଇନଗତ ବ୍ୟବସ୍ଥା କରାଯାଇଛି । ଆମ ଦେଶ ଏକ ଜନମଙ୍ଗଳକାରୀ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ ଆମ ଦେଶର ସମ୍ବିଧାନରେ ଛଅ ବର୍ଷରୁ ଚଉଦ ବର୍ଷର ସବୁ ପୁଅ ଝିଅଙ୍କୁ ଅବୈତନିକ ଓ ବାଧ୍ୟତାମୂଳକ ଶିକ୍ଷା ଦେବା ପାଇଁ ପବିତ୍ର ପ୍ରତିଶ୍ରୁତି ଦିଆଯାଇଛି । ଶିକ୍ଷା ଅଧିକାର ବ୍ୟତୀତ ଯେଉଁ କ୍ଷେତ୍ରରେ ପିଲାମାନେ ଅସହାୟତାର ଶିକାର ହେଉଁଛନ୍ତି ସେଥିରୁ ସେମାନଙ୍କୁ ସୁରକ୍ଷା ଦେବାପାଇଁ ଦେଶର ସଂସଦଦ୍ୱାରା ବିଭିନ୍ନ ଆଇନର ବ୍ୟବସ୍ଥା ରହିଛି । ଏହି ପୃଷ୍ଠଭୂମିରେ ଦୁଇଟି ପ୍ରସଙ୍ଗ ବେଶି ଗୁରୁତ୍ୱ ବହନ କରେ । ପ୍ରଥମ ବିଷୟଟି ହେଲା ବାଳ ଶ୍ରମିକ ପ୍ରଥା ଓ ଦ୍ୱିତୀୟଟି ହେଲା ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା । ଏହା ସୁବିଦିତ ଯେ ଆମ ଦେଶରେ ରହିଥିବା ଉତ୍କଟ ଦାରିଦ୍ର୍ୟ, ଜାତିଗତ ଭେଦଭାବ ଓ କେତେକ ସାମାଜିକ କାରଣରୁ ଅନେକ ପିଲା କିଶୋର ବୟସରୁ ଜୀବନର ଭାର ବହନ କରିବାକୁ ବାଧ୍ୟ ହୋଇଥାନ୍ତି । ଯେଉଁ ବୟସରେ ସେମାନେ ନିଜର ସୃଜନଶୀଳ ସାମର୍ଥ୍ୟର ବିକାଶ ପାଇଁ ସୁଯୋଗ ପାଆନ୍ତେ ସେହି କଅଁଳ ବୟସରୁ ଜୀବନର ବାସ୍ତବତା ପାଖରେ ସେମାନଙ୍କର ସ୍ୱପ୍ନ ସବୁ ମଉଳି ଯାଇଥାଏ । ଏହା ଏକ ସାଧାରଣ ଉପଲବ୍ଧି ଯେ ବିଭିନ୍ନ ହୋଟେଲ, ଢ଼ାବା, ଜଳଖିଆ ଦୋକାନ, ଚା ଦୋକାନ ଇତ୍ୟାଦିରେ ପିଲାମାନେ ବାସନ ମାଜନ୍ତି, ଅଇଁଠା ବାସନ ଉଠାନ୍ତି । ଟ୍ରେନ ବା ରାସ୍ତାକଡ଼ରେ ସେମାନେ ଭିକ ମାଗନ୍ତି, କେଉଁଠି ଜୋତା ସଫା କରନ୍ତି, ଅଳିଆ ଗଦାରୁ ପ୍ଲାଷ୍ଟିକ ସଂଗ୍ରହ କରନ୍ତି । ଏପରିକି କେତେକ ବିପଦପୂର୍ଣ୍ଣ କାର୍ଯ୍ୟରେ ମଧ୍ୟ ସଂପୃକ୍ତ ରହି ପେଟ ପୋଷନ୍ତି । ଆମ ଦେଶରେ ବାଳଶ୍ରମିକ ଉଚ୍ଛେଦ ଆଇନ ରହିଛି, ଯେଉଁଥିରେ ଚଉଦ ବର୍ଷ ପୂରଣ କରିନଥିବା କୌଣସି ପିଲାଙ୍କୁ କୌଣସି ବୃତ୍ତିରେ ନିଯୁକ୍ତି ନଦେବାକୁ ନିର୍ଦ୍ଦେଶନାମା ରହିଛି । ଅଠର ବର୍ଷ ହୋଇନଥିଲେ କେତେକ ନିଷେଧ ବୃତ୍ତିରେ ପିଲାମାନଙ୍କୁ ନିଯୁକ୍ତି ଦେବାକୁ ଦଣ୍ଡନୀୟ କରାଯାଇଛି । ଯେଉଁ କ୍ଷେତ୍ରରେ କାର୍ଯ୍ୟ କରିବାକୁ ନିଷେଧ କରାଯାଇ ନାହିଁ, ସେକ୍ଷେତ୍ରରେ କାର୍ଯ୍ୟ ପାଇଁ ବିଭିନ୍ନ ସର୍ତ୍ତ ରଖାଯାଇଛି । ତେବେ ବାସ୍ତବ କ୍ଷେତ୍ରରେ ଉତ୍କଟ ଦାରିଦ୍ର୍ୟ, ପିତାମାତାଙ୍କର ଜଟିଳ ପରିସ୍ଥିତି ବା ସେପରି କିଛି ଅସ୍ୱାଭାବିକ କାରଣରୁ ଆମ ଦେଶର ଅଗଣିତ ପିଲା ବାଳଶ୍ରମିକ ଭାବେ କାର୍ଯ୍ୟ କରୁଥିବାର କାହାଣୀ ସୁବିଦିତ ।

ବହୁ ସମୟରେ ଦେଖାଯାଏ ଯେ ଆମ ଦେଶର ଅନେକ ପିଲା ପିଲାଟି ବେଳୁ ଯୌନ ଶୋଷଣ, ଉତ୍ପୀଡ଼ନ ଓ ଆକ୍ରମଣର ଶିକାର ହୋଇଥାନ୍ତି । ଏପରିକି ଝିଅମାନଙ୍କର ଅଠର ବର୍ଷ ପୂର୍ବରୁ ବିବାହ ଆମର ସାମାଜିକ ବ୍ୟବସ୍ଥାରେ ହେଉଥିବା ଦେଖାଯାଏ । ଏହି ସବୁ ସାମାଜିକ ସମସ୍ୟା ପଶ୍ଚାତରେ ଶିକ୍ଷା ଓ ସଚେତନତାର ବିଦ୍ୟମାନ । ଯୌନ ଅପରାଧ ଓ ଶୋଷଣରୁ ଶିଶୁମାନଙ୍କୁ ସୁରକ୍ଷା ଦେବାକୁ ଆମ ଦେଶରେ ଦୃଢ଼ ଆଇନ ରହିଛି । ଏହା ଲିଙ୍ଗ ନିରପେକ୍ଷ ଓ କୌଣସି କେହି ଏହି ଶୋଷଣର ଶିକାର ହେଉଥିଲେ ତାହାକୁ ପୋଲିସରେ ଜଣାଇବା ଏକ କର୍ତ୍ତବ୍ୟ । ତେବେ ଅପ୍ରାପ୍ତ ବୟସ୍କ ପିଲାମାନଙ୍କର ସୁରକ୍ଷା ନେଇ ସାମାଜିକ ଚେତନାର ସ୍ତର ଉନ୍ନତ ହେବା ଆବଶ୍ୟକ । ଆଇନର

ବ୍ୟବସ୍ଥା ସହ ସାମାଜିକ ସଚେତନତା ବୃଦ୍ଧି ପାଇଲେ ହିଁ ସମସ୍ୟାର ସମାଧାନ ପାଇଁ ପରିବେଶ ସୃଷ୍ଟି ହୋଇପାରିବ ।

ସ୍ୱାଧୀନତାର ଦୀର୍ଘ ସାତ ଦଶନ୍ଧି ପରେ ମଧ୍ୟ ନିରକ୍ଷରତା ଆମ ଦେଶର ଏକ ବଡ଼ ସମସ୍ୟା । ତେବେ ସବୁ ପିଲାମାନଙ୍କୁ ଶିକ୍ଷାଦେବାର ଅନୁକୂଳ ପରିବେଶ ସୃଷ୍ଟି କରିପାରିଲେ ହୁଏତ ଆମ ଦେଶରୁ ଗୋଟିଏ ପିଢ଼ିପରେ ନିରକ୍ଷରତା ଜନିତ ସମସ୍ୟା ଦୂର ହୋଇପାରିବ । ଏହି କ୍ଷେତ୍ରରେ ଶିକ୍ଷା ଅଧିକାର ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଛଅ ବର୍ଷରୁ ଚଉଦ ବର୍ଷ ଭିତରେ ପ୍ରତ୍ୟେକ ପିଲା ଘର ନିକଟବର୍ତ୍ତୀ କୌଣସି ବିଦ୍ୟାଳୟରେ ଅବୈତନିକ ଓ ବାଧ୍ୟତାମୂଳକ ଶିକ୍ଷା ପାଇବାର ଅଧିକାର ତାହାର ରହିଛି । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ ଭାବେ ପ୍ରତ୍ୟେକ ପିଲା ପାଇଁ ଉପଲବ୍ଧ କରିବାର ଆଇନ ହୁଏତ ରହିଛି । ଆମ ଦେଶରେ ଶିକ୍ଷା ଅଧିକାର ଆଇନ ସଂସଦ ଦ୍ୱାରା ୨୦୦୯ରେ ଅନୁମୋଦିତ ହୋଇଛି ଓ ଏଥିରେ ବିଭିନ୍ନ ବିଧି ରହିଛି । ସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ପିଲାମାନଙ୍କଠାରୁ ଦେୟ ଗ୍ରହଣ କରାଯିବ ନାହିଁ । କୌଣସି ପିଲାକୁ ଶାରୀରିକ ଦଣ୍ଡ ଦେବା, ଦମନ କରିବା ବା ବିଦ୍ୟାଳୟରୁ ବିତାଡ଼ିତ କରିବାକୁ ନିଷେଧ କରାଯାଇଛି । ଛାତ୍ର ଓ ଶିକ୍ଷକଙ୍କ ଭିତରେ ନିର୍ଦ୍ଦିଷ୍ଟ ଅନୁପାତ ରହିବ ଓ ଶିକ୍ଷକମାନଙ୍କର ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଏଥିରେ ରହିଛି ।

ତେବେ ବାସ୍ତବ ଅନୁଭୂତିରେ ସ୍କୁଲ ସ୍ତରରୁ କେତେକ ପିଲା ନାନା କାରଣରୁ ପାଠ ଛାଡୁଛନ୍ତି । ଏ କ୍ଷେତ୍ରରେ ସମାଜର ଦଳିତ, ଆଦିବାସୀ ଓ ବିଶେଷକରି ଶ୍ରମଜୀବୀ ଶ୍ରେଣୀର ପିଲାମାନେ "ଡ୍ରପ ଆଉଟ" ହେଉଥିବା ଦେଖାଯାଏ । କେତେକ ଅର୍ଥନୈତିକ ପରିସ୍ଥିତି, ଦାରିଦ୍ର୍ୟ, ସାମାଜିକ କାରଣ ବା କର୍ମ ସଂସ୍ଥାନରେ ଅନ୍ୟସ୍ଥାନକୁ ଯାଇ ଶ୍ରମିକ ପାଲୁଟୁଥିବା ଲୋକଙ୍କର ପିଲାମାନେ ପ୍ରାୟତଃ ପାଠ ଛାଡୁଥିବା ଲକ୍ଷ୍ୟ କରାଯାଏ । ଦେଖାଯାଏ ଯେ ଗାଁ ଗହଳରେ ଦଳିତ ଓ ପଛୁଆବର୍ଗର ଲୋକମାନେ ସବୁ ଦିନେ କାମ, ଧନ୍ଦା ପାଇପାରନ୍ତି ନାହିଁ, ଫଳରେ କାମ ସନ୍ଧାନରେ ବା ଦାଦନ ଖଟିବାକୁ ସେମାନେ ଅନ୍ୟ ରାଜ୍ୟକୁ ଯାଆନ୍ତି । ସେମାନଙ୍କର ପିଲାମାନେ ଏକ ଭିନ୍ନ ପରିବେଶରେ ପଢ଼ିପାରନ୍ତି ନାହିଁ । ନିଜର ଦାରିଦ୍ର୍ୟଜନିତ ପରିସ୍ଥିତିରୁ ବହୁ ପିଲା ଗାଁ ଗହଳରେ ପାଠ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି । ବିଭିନ୍ନ ସହରମାନଙ୍କରେ ଶ୍ରମଜୀବୀ ଓ ନିର୍ମାଣ ଶ୍ରମିକମାନେ ପ୍ରାୟତଃ ଝୁପୁଡ଼ି ବା ସ୍ଲମମାନଙ୍କରେ ରହିବାକୁ ବାଧ୍ୟ ହୁଅନ୍ତି । ସେହିପରି ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ପିଲାମାନଙ୍କ ପାଇଁ ଶିକ୍ଷାର ସୁଯୋଗ ନଥାଏ । ଏପରିକି ସାନ ଭାଇଭଉଣୀଙ୍କ ଯତ୍ନନେବା ପାଇଁ ସେମାନେ ଘରେ ରହନ୍ତି କାରଣ ବାପା, ମା ଉଭୟ ଶ୍ରମ କରିବାକୁ ଯାନ୍ତି । ପୁନଶ୍ଚ ସହରମାନଙ୍କରେ ବହୁ ବ୍ୟୟବହୁଳ ଘରୋଇ ଶିକ୍ଷାନୁଷ୍ଠାନ ମାନ ମୁଣ୍ଡ ଟେକିବା ଫଳରେ ଗରିବ ଘରର ପିଲାମାନେ ସେଠାରେ ପଢ଼ିବାର ସ୍ୱପ୍ନ ବି ଦେଖିପାରନ୍ତି ନାହିଁ । ଆଞ୍ଚଳିକ ସ୍ତରର ସରକାରୀ ବିଦ୍ୟାଳୟ ମାନଙ୍କରେ ଭିତ୍ତିଭୂମିର ଅଭାବ ଓ ଗୁଣାତ୍ମକ ଶିକ୍ଷାର ବାତାବରଣ ନଥିବା ଅନୁଭୂତ ହୁଏ । ଏହି ପ୍ରକାରର ନାନା କାରଣରୁ ସମାଜର ଦଳିତ ଓ ପଛୁଆ ବର୍ଗର ପିଲାମାନେ ବହୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ଦେଖାଯାଏ ଯାହାଦ୍ୱାରା ସେମାନଙ୍କ ସାମର୍ଥ୍ୟର ଯଥୋଚିତ ବିକାଶ ହୋଇପାରେ ନାହିଁ ।ସେମାନେ ପାଠ ଛାଡିବାକୁ ବାଧ୍ୟ ହୁଅନ୍ତି କିମ୍ବା ନିଜକୁ ପରିସ୍ଥିତି ଜନିତ କାରଣରୁ ନ୍ୟୁନ ମନେକରନ୍ତି ।

ଏହା ଅନସ୍ୱୀକାର୍ଯ୍ୟ ଯେ ଜୀବନର ଗୁଣାତ୍ମକ ବିକାଶ କ୍ଷେତ୍ରରେ ଶିକ୍ଷାର ନିର୍ଣ୍ଣାୟକ ଭୂମିକା ରହିଛି । ଏହା ସହିତ ଏକ ସୁସ୍ଥ ଓ ଭେଦଭାବରହିତ ସମାଜ ନିର୍ମାଣ କ୍ଷେତ୍ରରେ ଶିକ୍ଷା ସବୁଠାରୁ ବଡ଼ ସାଧନ ମନେହୁଏ । ଶିକ୍ଷାଦ୍ୱାରା ପ୍ରତ୍ୟେକ ବ୍ୟକ୍ତିର ସୃଜନ ସାମର୍ଥ୍ୟକୁ ବିକଶିତ କରିବା ସମ୍ଭବ ହୋଇଥାଏ । ଶିକ୍ଷା ଜରିୟାରେ ପିଲାମାନଙ୍କ ଭିତରେ ନୈତିକ ଜୀବନବୋଧ ଓ ନାଗରିକ ଶୃଙ୍ଖଳା ଜନିତ କର୍ତ୍ତବ୍ୟବୋଧ ସୃଷ୍ଟି କରାଯାଇପାରେ । ପ୍ରତ୍ୟେକ ବ୍ୟକ୍ତିର ସୃଜନ- ସାମର୍ଥ୍ୟକୁ ବିକଶିତ କରାଇବା, ବ୍ୟକ୍ତିକୁ ଭବିଷ୍ୟତରେ ସ୍ୱାବଲମ୍ବୀ କରିବା ଓ ଏକ ସଚେତନ ନାଗରିକ କରି ଗଢ଼ିବା କ୍ଷେତ୍ରରେ ଶିକ୍ଷା ହିଁ ସାଧନ ହୋଇଥାଏ । ଜୀବନକୁ ଆନନ୍ଦମୟ, ସୃଜନଶୀଳ ଓ ସମାଜ ପାଇଁ ଅଧିକ ଉତ୍ତରଦାୟୀ କରିବା ପାଇଁ ଶିକ୍ଷା ଏକ ପ୍ରଧାନ ଅବଲମ୍ବନ ହୋଇପାରେ । ଜ୍ଞାନର ହସ୍ତାନ୍ତରଣ ଓ ପରିମାର୍ଜନ ସହ ଜୀବନର ବୌଦ୍ଧିକ ଓ ନୈତିକ ଉତ୍ତରଣ ଶିକ୍ଷା ମାଧ୍ୟମରେ ହାସଲ ହେବା ଏକ ଐତିହାସିକ ଉପଲବ୍ଧ । ଯେଉଁ କାରଣରୁ ହେଉନା କାହିଁକି ଶିକ୍ଷାରୁ ବଞ୍ଚିତ ହେଉଥିବା ବା ଡ୍ରପ ଆଉଟ ହୋଇ ପାଠରେ ଡ଼ୋରି ବାନ୍ଧୁଥିବା ପିଲାମାନେ ଯେ ଜୀବନରେ କିଛି ଉତ୍ତମ ପ୍ରାପ୍ତିରୁ ବଞ୍ଚିତ ହେଉଛନ୍ତି ଏହା ନିଃସନ୍ଦେହ । ଏହି ସମସ୍ୟାକୁ ଦୂର କରିବାକୁ ଯେଉଁ ସମାଜସେବୀମାନେ କାର୍ଯ୍ୟ କରୁଛନ୍ତି ସେମାନେ ଅତ୍ୟନ୍ତ ଧନ୍ୟବାଦାର୍ହ ।

## ଧରମା ଫାଉଣ୍ଡେସନ ଟ୍ରଷ୍ଟ୍ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

- ଅଧାରୁ ପାଠ ଛାଡୁଥିବା ନିର୍ମାଣ ଶ୍ରମିକ ପିଲାମାନଙ୍କ ମଧ୍ୟରେ ଥିବା ଅର୍ନ୍ତନିହିତ ପ୍ରତିଭାକୁ ଠାବ କରି ସେମାନଙ୍କ ମଧ୍ୟରେ ଥିବା କଳାକୃତି, ସାମର୍ଥ୍ୟ ଓ ସୃଜନାତ୍ମକତାର ବିକାଶ ଘଟାଇବା ସହ ଶିଶୁଙ୍କୁ ପୁଣି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସ କରିବା;
- ଅଧାରୁ ପାଠ ଛାଡି ଓ କାମରେ ନିୟୋଜିତ ନିର୍ମାଣ କ୍ଷେତ୍ରର ସମସ୍ତ ଶିଶୁମାନଙ୍କୁ ଚିହ୍ନଟ କରି କେଉଁ ପ୍ରକାର କାର୍ଯ୍ୟରେ ସେମାନଙ୍କର ଆଗ୍ରହ ରହିଛି ତାହା ନିର୍ଣ୍ଣୟକରି ତଦନୁ ରୂପ କାର୍ଯ୍ୟରେ ତାଙ୍କୁ ଯୋଡ଼ିବା ଓ ଗଢ଼ିବା ପାଇଁ ପ୍ରୟାସ କରିବା;
- ନିର୍ମାଣ କ୍ଷେତ୍ରର ଶ୍ରମିକ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରକଳା, ନାଚ, ସଂଗୀତ ଓ କ୍ରୀଡ଼ା ଇତ୍ୟାଦି ଆୟୋଜନ କରି ସେମାନଙ୍କ ମନୋବଳ ଓ ଉତ୍ସାହ ବୃଦ୍ଧି କରିବା ସହ ସୃଜନାତ୍ମକ ଓ କଳାତ୍ମକ ଶିକ୍ଷା ନିମନ୍ତେ ପ୍ରୋତ୍ସାହନ ଦେବା;
- ନିର୍ମାଣ କ୍ଷେତ୍ରର ଶ୍ରମିକ ପିଲାମାନଙ୍କ କଳାକୃତି ଓ ସୃଜନାତ୍ମକତାର ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର ବିଦ୍ୟାଳୟ "ଶ୍ରମିକ ବିଦ୍ୟାପୀଠ" ସ୍ଥାପନ କରିବା ଏବଂ ସେହି ବିଦ୍ୟାଳୟରେ ଶିକ୍ଷାଲାଭ ସହ ଚିତ୍ର କଳା, ନୃତ୍ୟ, ରଚନା ଲେଖା, ଶିଶୁ ସାମ୍ବାଦିକତା ଓ ବକ୍ତୃତା ପ୍ରତିଯୋଗିତା ଇତ୍ୟାଦିରେ ଶିକ୍ଷାପ୍ରଦାନ କରିବା;
- ନିର୍ମାଣ କ୍ଷେତ୍ରରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପ୍ରଦତ୍ତ ଶିକ୍ଷା ବୃତ୍ତି ସହାୟତା ସଂପର୍କରେ ଅବଗତ କରାଇବା ସହ ଏହାକୁ ମିଳିବାରେ ସହଯୋଗ କରିବା;
- କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ୍- ୧୯୯୬ କୁ ବ୍ୟାପକ ଓ ଅବିକଳ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିବା;
- ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଆଲୋଚନା ସଭା ଆୟୋଜନ କରି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପ୍ରଦାନ କରୁଥିବା ଶିକ୍ଷାବୃତ୍ତି ସହାୟତା ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଶିକ୍ଷା ବୃତ୍ତି ଅର୍ଥ ବୃଦ୍ଧି କରିବା ପାଇଁ ଚାପ ପ୍ରୟୋଗ କରିବା;
- ଶିକ୍ଷାଲାଭ କରିବାର ଅଧିକାର, ବିକାଶର ଅଧିକାର, ଅଂଶଗ୍ରହଣର ଅଧିକାର, ଖେଳକୁଦ କରିବାର ଅଧିକାର ଓ ପ୍ରତିଭା ବିକାଶର ଅଧିକାର ସଂପର୍କରେ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇବା;

# ଶ୍ରମିକ ପିଲାଙ୍କ ପାଇଁ ସ୍କୁଲଟିଏ

୧୭ ବର୍ଷ ତଳେ ତାଙ୍କ ଘରକୁ ଆସିଥିଲା ମୁସ୍କାନ୍ ହସୁଥିଲା ହେଲେ ହସିଲା ଭଳି ନୁହେଁ । କିନ୍ତୁ ତା' ମୁହଁ ଦେଖି ଚନ୍ଦନ ଭାରି ଖୁସି ହୋଇଯାଇଥିଲେ । କଥା ପଦକରେ ଛୋଟ ଝିଅଟି ବେସ୍ ନିଜର କରି ନେଇଥିଲା । ତା' ଦେହରେ ଭଲ ଜାମା ପିନ୍ଧି ନଥିଲା । କଥାରେ ବି ତାର ମଇଳା ନଥିଲା, ଏକଥା ସ୍ପଷ୍ଟ ବାରି ପାରିଥିଲେ ସେ । ପଚାରିଥିଲେ 'ଝିଅ ସ୍କୁଲ ଯାଉନୁ' ? ମୁଣ୍ଡ ଟୁଙ୍ଗାରି ମୁସ୍କାନ୍ ହସିଥିଲା । ଆଉ ଚନ୍ଦନକୁ ଛୋଟ ପ୍ରଶ୍ନଟିଏ ପଚାରିଥିଲା । 'ଏମିତି କିଛି ସ୍କୁଲ ଅଛି କି, ଯୋଉଠି ବାପାଙ୍କୁ ଟଙ୍କା ଦେବାକୁ ପଡ଼ିବନି, ତା' ହେଲେ ମୁଁ ପଢ଼ନ୍ତି । ବାସ୍ ଏଇକଥା ସେଦିନ ଚନ୍ଦନଙ୍କୁ କନ୍ଦେଇ ଦେଇଥିଲା । ମୁସ୍କାନ୍ ମିଛ ହସ ତଳେ ଲୁଚିଥିବା ବାସ୍ତବ ଦୁଃଖକୁ ବାରି ପାରିଥିଲେ ସେ ଆଉ ତା' ପରେ ମୁସ୍କାନ୍ ଚିଲ୍ଡ୍ରେନ୍ ସ୍କୁଲ୍ ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ ଚନ୍ଦନ ।

ଉଧପ୍ରଦେଶ ହଜାରି ନିବାସୀ ଚନ୍ଦନ ସିଂହ ସେଦିନ ଘର କାମ କରିବା ପାଇଁ ଜଣେ ଶ୍ରମିକଙ୍କୁ ନେଇ ଆସିଥିଲେ । ସାଙ୍ଗରେ ତା'ର କୁନି ଝିଅ ମୁସ୍କାନ୍ ବି ଥିଲା । ସେମାନେ ଭୋକିଲା ଥିବା ପରି ଲାଗୁଥିଲେ । କାମ କରିବାକୁ ଶ୍ରମିକ ଜଣଙ୍କ ଦେହରେ ବଳ ନଥିଲା । ବଡ଼ କଷ୍ଟରେ ଓଳି ଦୁଇ ମୁଠା ଖାଇବା ଯୋଗାଡ଼ ହେଉଛି, ଏଣୁ ପାଠ ପଢ଼ିବା କାଠିକର ପାଠ ବୋଲି ମୁସ୍କାନ୍ ମୁହଁରୁ ଶୁଣିବା ପରେ କାନ୍ଦି ପକାଇଥିଲେ ଚନ୍ଦନ । ଆଉ ତା'ପରେ ଶ୍ରମିକ ଝିଅର ସେଇ ବିକଳିଆ କଥା କେଇପଦରେ ତରଳି ଯାଇଥିଲା ତାଙ୍କ ହୃଦୟ । ସେ ମନେମନେ ସ୍ଥିର କଲେ ଶ୍ରମିକ ପିଲାମାନଙ୍କ ପାଇଁ ଏକ ସ୍କୁଲ ଖୋଲିବେ । ଯେଉଁଠାରେ ପାଠ ପଢ଼ିବାକୁ ସେମାନଙ୍କୁ ଆଉ ଫି ଦେବାକୁ ପଡ଼ିବନି । ଚନ୍ଦନଙ୍କ ଆର୍ଥିକ ସ୍ଥିତି ସେତେଟା ଭଲ ନଥିଲା । ସେତେଟା ପାଠ ବି ପଢ଼ିନଥିଲେ । କିନ୍ତୁ କୌଣସି ଭଲ କାର୍ଯ୍ୟ କରିବାକୁ ଗଲେ ଯେ, ବାଧା ବିଘ୍ନ ଆସେ ତାହା ଭଲ କରି ଜାଣିଥିଲେ । ପେଟ ପୋଷିବା ପାଇଁ ତାଙ୍କ ପାଖରେ କେବଳ ଗୋଟିଏ ପେଣ୍ଟିଂ ଦୋକାନ ଥିଲା । ସେଥିରୁ ମାସକୁ ରୋଜଗାର ହେଉଥିଲା ମାତ୍ର ୮ ହଜାର ଟଙ୍କା । ସ୍ୱଳ୍ପ ରୋଜଗାରରେ ଘର ଚଳାଇବା ଓ ଏସବୁ କେମିତି ହେବ କିଛି ଭାବି ପାରୁ ନଥିଲେ । ଦୃଢ଼ ମନୋବଳ ରଖି ଆଖପାଖର ୨୦ ଜଣ ଶ୍ରମିକଙ୍କ ପିଲାଙ୍କୁ ନେଇ ମଧ୍ୟପ୍ରଦେଶର ଲାଲ୍ ଟିପାରାରେ ସେଇ କୁନି ଝିଅ ମୁସ୍କାନ୍ ନାଁରେ ଆରମ୍ଭ କଲେ ମୁସ୍କାନ୍ ଚିଲ୍ଡ୍ରେନ୍ସ ସ୍କୁଲ । ଧିରେ ଧିରେ ସଂସ୍ଥା ବଢ଼ିବାକୁ ଲାଗିଲା ।

୨୦୦୭ରେ ପେଣ୍ଟିଂ କାମ ସମ୍ପୂର୍ଣ୍ଣ ବନ୍ଦ ହେବାରୁ ସ୍କୁଲ ବନ୍ଦ ହେବା ସ୍ଥିତିରେ ପହଞ୍ଚିଗଲା । ଅନେକ ଲୋକ ତାଙ୍କୁ ପାଗଳ ମଧ୍ୟ କହିଲେ । ଶେଷରେ ସ୍କୁଲ ଚଳାଇବା ପାଇଁ ଚନ୍ଦନଙ୍କ ସ୍ତ୍ରୀ ସବୁ ଗହଣା ଗାଣ୍ଠି ବିକ୍ରି କରିଦେଲେ । ୨୦୦୯ରେ ତାଙ୍କ ବଡ଼ ଝିଅ ଗୋଟେ କମ୍ପାନୀରେ ଆକାଉଣ୍ଟାଣ୍ଟ୍ର ଚାକିରି କଲେ । ପ୍ରଥମ ଦରମା ବାପାଙ୍କ ହାତରେ ଦେଇ ସ୍କୁଲ ଚଳାଇବାକୁ କହିଲେ । ଝିଅର ସହଯୋଗ ପାଇଁ ଚନ୍ଦନଙ୍କୁ ଉତ୍ସାହ ମିଳିଲା । ସ୍କୁଲ ପିଲାମାନଙ୍କୁ ଆବଶ୍ୟକତା ପୂରଣ ପାଇଁ ସ୍କୁଲରେ ପାଠ ପଢ଼ାଇବା ପରେ ନିଜ ଗୋଟେ ହୋଟେଲ୍‌ରେ ରାତି ଯାଏ କାମ କରିବା ଆରମ୍ଭ କଲେ । ତାଙ୍କର ତିନି ଝିଅ ଓ ଗୋଟିଏ ପୁଅ ଥିଲେ । ପୁଅ ବିକାଶ ଓ ଦୁଇ ଝିଅ ମିଶି ସ୍କୁଲରେ ପାଠ ପଢ଼ାଇଲେ । ଧିରେ ଧିରେ ସ୍କୁଲର ପୂର୍ବସ୍ଥିତି ଫେରିଲା । ଏବେ ଏହି ସ୍କୁଲରେ ୨୫୦ ଜଣ ପିଲା ପାଠ ପଢୁଛନ୍ତି । ୧୫ ଜଣ ଶିକ୍ଷକ ଅଛନ୍ତି । ଚନ୍ଦନଙ୍କ ଏପରି ନିଷ୍ଠା ଦେଖି ବଲିଉଡ଼ ଅଭିନେତା ସଲମାନ ଖାନ୍‌ଙ୍କ ସଂସ୍ଥା ବିଙ୍ଗ୍ ହ୍ୟୁମାନ୍ ସହାୟତା ଦେବା ପାଇଁ ଆଗେଇ ଆସିଛି ।

ଉତ୍ସ: ସମ୍ବାଦ

# ଧରମାର କିଶୋରୀ ବାଳିକା ମାନଙ୍କର ସ୍ୱାସ୍ଥ୍ୟ ସଚେତନତା ଅଭିଯାନ

ଶିଶୁର ବିକାଶ ପାଇଁ ସ୍ୱାସ୍ଥ୍ୟ ଏକ ଅପରି ହାର୍ଯ୍ୟ ଅଂଶ ବିଶେଷ । ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ଶିଶୁର କୌଣସି ବିକାଶ ହୋଇ ପାରିବ ନାହିଁ । ଶିଶୁର ମୌଳିକ ଅଧିକାର, ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଓ ଅଂଶ ଗ୍ରହଣର ଅଧିକାର ଏହି ଚାରୋଟି ଅଧିକାର ପାଇଲେ ଶିଶୁଟିର ପୂର୍ଣ୍ଣ ବିକାଶ ହୋଇଛି ବୋଲି କହିପାରିବା । ଗାଁ ମାନଙ୍କରେ୧୨ ରୁ ୧୮ ବର୍ଷ ଭିତରେ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ମାତା ପିତାମାନେ ଅଶିକ୍ଷିତ ଓ ଗରୀବ ହୋଇଥିବାରୁ ନିଜ ସନ୍ତାନ ମାନଙ୍କର ସ୍ୱାସ୍ଥ୍ୟ କି ଶିକ୍ଷା ଉପରେ ଗୁରୁତ୍ୱ ଦେଇ ନଥାନ୍ତି । ବିଶେଷ କରି ଝୀଅ ମାନଙ୍କୁ ଏତେଟା ଗୁରୁତ୍ୱ ଦେଇ ନ ଥାନ୍ତି ଯଦ୍ଦ୍ୱାରା ଝୀଅଟିର ବିକାଶରେ ବାଧା ସୃଷ୍ଟି କରିଥାଏ ।

ଧରମା ଫାଉଣ୍ଡେସନ ତରଫରୁ ଏହି ସବୁ ଶିଶୁ ମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ସଚେତନତା କାର୍ଯ୍ୟକ୍ରମମାନ କରିଆସୁଛି । ବିଶେଷ କରି ବାଳିକା ମାନଙ୍କର ସ୍ୱାସ୍ଥ୍ୟ ଉପରେ କାର୍ଯ୍ୟକ୍ରମ ମାନ କରିଆସୁଛି । ଗତ ୧୧/୪/୧୮ ତାରିଖରେ କିଶୋରୀ ବାଳିକା ମାନଙ୍କର ଲୋହିତ ରକ୍ତ କଣିକା (Hemoglobin) ର ଅଭାବକୁ କିପରି ରୋକାଯାଇ ପାରିବ ସେଥିପାଇଁ ଧରମା ଫାଉଣ୍ଡେସନ ଏକ ଅଭିଯାନ ଆରମ୍ଭ କରିଛି । ପ୍ରତ୍ୟେକ ଗ୍ରାମରେ ଥିବା ୧୨ ରୁ ୧୮ ବର୍ଷ ପର୍ଯ୍ୟନ୍ତ କିଶୋରୀ ବାଳିକା ମାନଙ୍କର ସ୍ୱାସ୍ଥ୍ୟ ସଚେତନତା ସହ ଲୋହିତ ରକ୍ତ କଣିକାର କାହାର କେତେ ଅଛି ସ୍ୱାସ୍ଥ୍ୟ ବିଭାଗ ସହିତ ଆଲୋଚନା କରି ପ୍ରତ୍ୟେକ ଗ୍ରାମରେ କିଶୋରୀ ବାଳିକା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପାରିବ ଓ ଲୋହିତ ରକ୍ତ କଣିକାର ଅଭାବକୁ କିପରି ରୋକାଯାଇ ପାରିବ ।





# ଧରମା ଇଂରାଜୀ ବୁଲେଟିନ ଉନ୍ମୋଚିତ

୨୪ ଫେବୃୟାରୀ ୨୦୧୮ । ଧରମା ପ୍ରତିଷ୍ଠାନ ପକ୍ଷରୁ ଧରମା ଇଂରାଜୀ ବୁଲେଟିନ ଉନ୍ମୋଚନ ହୋଇଥିଲା । ଅତୀତ ଉତ୍କଳର କିମ୍ବଦନ୍ତୀ ଚରିତ୍ର ଧର୍ମପଦ କୋଣାର୍କର ମୁଣ୍ଡିମାରି ନିଜର କଳା କୁଶଳତାର ପ୍ରଚଣ୍ଡ ପ୍ରତିଭା ପ୍ରତିପାଦନ କରି ୧୨୦୦ ଶିଳ୍ପୀଙ୍କ ଜୀବନ ରକ୍ଷା କରିଥିବା କଥା ଆମ୍ଭେ ଇତିହାସରୁ ଜାଣିଛୁ ।

ଭୁବନେଶ୍ୱର ସ୍ଥିତ ସ୍ଥାନୀୟ ଇଡ଼କଲ ଅଡ଼ିଟରିୟମରେ ଗତ ୨୪ ଫେବୃୟାରୀ ୨୦୧୮ ରେ ଧରମାର ଇଂରାଜୀ ବୁଲେଟିନ ଲୋକାର୍ପିତ ହୋଇଥିଲା । ଧରମା ପ୍ରତିଷ୍ଠାନ ପକ୍ଷରୁ କରାଯାଇଥିବା ଏହି ଆୟୋଜନରେ ପରିବହନ ସଚିବ ଶ୍ରୀ ମଧୁସୂଦନ ପାଢ଼ୀ, ପ୍ରାକ୍ତନ କେନ୍ଦ୍ର ଶ୍ରମ ସଚିବ ଡ଼ ଲକ୍ଷ୍ମୀଧର ମିଶ୍ର, ପ୍ରଫେସର ଧନେଶ୍ୱର ସାହୁ, ବିଶିଷ୍ଟ ଶ୍ରମିକ ନେତା ଶ୍ରୀ ଅନୀଲ ମହାନ୍ତି ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ପ୍ରଫେସର ଧନେଶ୍ୱର ସାହୁ ଯୋଗଦାନ କରି ଧରମା ମୁଖପତ୍ରକୁ ଅନୁଷ୍ଠାନିକ ଭାବରେ ଉନ୍ମୋଚନ ହୋଇଥିଲା ।

ପ୍ରାରମ୍ଭରେ ଧରମା ପ୍ରତିଷ୍ଠାନର ପରିଚାଳକ ଶ୍ରୀ ରକ୍ଷାକର ଅନୁପମ ପ୍ରାରମ୍ଭିକ ସୂଚନା ଦେଇ କହିଲେ ଅଣସଂଗଠିତ ନେତୃତ୍ୱ ପରିଚାଳିତ ଏକ ପ୍ରକ୍ରିୟା ମଧ୍ୟରୁ ଉଭା ହୋଇଛି । ନିର୍ମାଣ କ୍ଷେତ୍ରର ଶ୍ରମିକ ସମୁଦାୟଙ୍କ କାମ କରିବା ବେଳେ ଶ୍ରମିକ ପିଲାମାନଙ୍କ ସହ ବହୁ ସମୟରେ ଭେଟ ହେଉଥିଲା ସେହି ପିଲାଙ୍କ ଅସହାୟତା, ରୁଗ୍ଣ ସ୍ୱାସ୍ଥ୍ୟ, କାର୍ଯ୍ୟସ୍ଥଳିର ପରିବେଶ ଦେଖିଲା ପରେ ଆମ୍ଭମାନଙ୍କ ମନରେ ଏହି ପିଲାଙ୍କୁ ନେଇ ଅନେକ ପ୍ରଶ୍ନ ଛିଡ଼ା କଲା । ସେମାନଙ୍କ ପିତାମାତା, ସହ କଥା ହେବା ବେଳେ କଥା ପ୍ରସଙ୍ଗରେ କହନ୍ତି ଦୁଇଦିନ ହେବ ପିଲାଟି ଜ୍ୱରରେ ପଡ଼ିଛି ମୁଁ ତାଙ୍କୁ ଡ଼ାକ୍ତରଖାନା ନେଇ ପାରୁ ନାହିଁ କାରଣ ମୋ ପାଖରେ ଅର୍ଥନାହିଁ । ଠିକାଦାର/ମାଲିକ ପାଖକୁ ଦୁଇଥର ଯାଇ ଫେରିଲିଣି । ଆଜି କାଲି କହୁଛି । ଆଉ କେଉଁ ପିଲା କାର୍ଯ୍ୟସ୍ଥଳୀରେ ଖେଳକୁଦ କଲାବେଳେ ଟିଣରେ ତାର ଗୋଡ଼ କଟିଯିବାରୁ ସେ ୨ ମାସ ହେବ ବୁଲାଚଲ କରିପାରୁନାହିଁ । ଆସି କିଏ ବା କହୁଛି ମୋ ଝିଅ ମୋ ଝିଅ ଭଲ ଚିତ୍ର କରୁଥିଲା ବିଦ୍ୟାଳୟରେ ବ୍ଲକ ସ୍ତରୀୟ ପ୍ରତିଯୋଗୀତାରେ ପ୍ରଥମ ହୋଇଥିଲା ଅର୍ଥ ଅଭାବରୁ ମୁଁ ତାକୁ ପଢ଼େଇ ପାରିଲି ନାହିଁ । କିଏବା କହୁଛି ନାଚରେ ଝିଅ ଭଲ କରୁଥିଲା ମାତ୍ର ଅଧିକ ଶିକ୍ଷା କରିବା ପାଇଁ ସେପରି ସ୍ଥାନ ମିଳିଲା ନାହିଁ । ଏହି ନିର୍ମାଣ କ୍ଷେତ୍ରର ପିଲାଙ୍କ ନିମନ୍ତେ ଏକ ପ୍ଲାଟଫର୍ମର ଆବଶ୍ୟକତାକୁ ହାଡ଼େ ହାଡ଼େ ଅନୁଭବ କଲୁ ।














## ଲାଲ ପାଗୋଡ଼ାର ପ୍ରେତ

ରବି ସିଂ

ଯେଉଁ କୋଣାରକ-
ଗର୍ବ, ଦମ୍ଭେ
ନାଚିଛି, ନାଚୁଛି
ଏଇ ଓଡିଶାର ମାଟି,
ଏଇ ମାଟି ହାତେ
ଦିନେ ପଡିଥିଲା
ଶିଳ୍ପୀ ଧରମା ଚୁଟି ।
ଯେ ମାଟି ଦେଇନି
ଆଜି ବି ଦେଉନି
ପ୍ରତିଭାର ସମ୍ମାନ,
ଆମ କବି ଦଳ-
-କଲମେ ଉଠଇ
ସେ ମାଟିର ଜୟଗାନ !
ଦେଶ-ପୀରତି'ର
ଶସ୍ତା ମଦର ଭାଟି-
-ମଣ୍ଡନ କରି
ଚିତ୍କାର ଉଠେ
ଜୟ କଳିଙ୍ଗ
ଜୟ ଜୟ ବାରବାଟି !'
ଶିଳ୍ପ-କଳାର
ଶେଷ-କୌଶଳ
କୋଣାରକେ ଆଜି ସାକ୍ଷୀ,
ଗୋଟିଏ ଜୀବନ-
ପାଖୁଡା ଉପରେ
ବାରଶ ମରଣ ଆଖି-
ପଡିଲା ଯେବେଳେ
ଝଡିଲା ପାଖୁଡା
ସେବେଳେ ନ ଥିଲେ କହି ?
ବାରଶ ଘାତକ
ବ୍ୟତିରେକେ ଆଉ
ନଥିଲେ ମାନବଦେହୀ ?
ଥିଲା କି ବିଶ୍ୱ
ଭଗବାନ-ହୀନ
ଥିଲେନି କି ରବି-ଶଶୀ ?
କେହି ଦେଖିଲେନି
ପ୍ରତିଭାର ଫୁଲ
ଯେବେଳେ ପଡିଲା ଖସି । ?
ସେହି କଥା ଆଜି
ଜିଜ୍ଞାସା କରେ
ଭାସମାନ ମୁହିଁ
ଶୋଣିତ-ପ୍ରଶ୍ନ ଭେଳା,
ବକ୍ଷରେ ଆଣି
ହାହାକାର ପୁଣି
ଫଟାଇ ବାରିଧି ଗଳା ।
ମୃତ-ଧରମାର
ପ୍ରତିହିଂସା ମୁଁ
ଫୁଲି ଉଠେ ପାରାବାର,
ବେଦନା-ଭଙ୍ଗେ
ଜଳ-ତରଙ୍ଗେ
ପଚାରଇ ବାରବାର । -
ଗୋଟିଏ ବାଳୁତ-
ବିଧିର ରୁଧିରେ
ବାରଶ' ବିଧାତା
ଯେବେ ସାରିଗଲେ ସ୍ନାନ,
କାହିଁଥିଲ ସେବେ,
କାହିଁଥିଲ ଭଗବାନ ? ?
ଘୋର ଅନ୍ୟାୟ
ଛେଦନ ପାଇଁକି
ଚକ୍ର ତୁମର
ଟିକେ ଉଠିଲାନି ଜାଗି !
କେଉଁଠାରେ ଥିଲ
ଶସ୍ତା-ପିତାର
ସମ୍ମାନ-ଉପଭୋଗୀ ?
ବାରଶ' ଅହିର
ଗରଳ-ଚୋଟରେ
ସୂର୍ଯ୍ୟ ଗୋଟିଏ
ଯେବେଳେ ପଡିଲା ଖସି,
ସେହି ସେ ଲଗନେ
ଅତୀବ ମଗନେ
ପ୍ରେମ-ଆଳାପରେ ହସି;
ଆଦିପିତା, ତୁମେ
ବୋଧେ ଶୁଣୁଥିଲ
ପ୍ରେୟସୀ-ଯୂଥର
କାଚ ରୁଣୁ ଝୁଣୁ
ଗୀତା-ଗୁଣୁଗୁଣୁ ବସି !
ତୁମେ କି ଧରିବ
ବିଶ୍ୱ-ନାବର ମଙ୍ଗ ?
କରୁଣାମୟ ହେ,
ତୁମ କରୁଣାର
ଘଟିଅଛି ଜାନୁଭଙ୍ଗ !

(ପ୍ରଖ୍ୟାତ ଓ ବିପ୍ଳବୀ କବି ଶ୍ରୀ ରବି ସିଂଙ୍କ ଦ୍ୱାରା ୧୯୬୩ ମସିହାରେ ପ୍ରକାଶିତ "ଲାଲ ପାଗୋଡ଼ାର ପ୍ରେତ ଓ ଅନ୍ୟାନ୍ୟ କବିତା" ରୁ ଉଦ୍ଧୃତ)

# ଇଟାଭାଟିର ଶିଶୁ ଶ୍ରମିକ

**ଡ଼କ୍ଟର ଦିଗରାଜ ବ୍ରହ୍ମା**
ବ୍ରହ୍ମା ନିବାସ, ମହାବୀର ବିହାର, ପୋଷ୍ଟ କଳାସହଙ୍ଗ, ଭାୟା-କିଟ, ଭୁବନେଶ୍ୱର-୭୫୧୦୨୪, ମୋ: ୯୪୩୭୭୮୪୫୯୨

ସେଦିନ ଏକ ଇଟାଭାଟି ନିକଟସ୍ଥ ରାସ୍ତାରେ ଯାଉଥିଲେ ସୁମନ୍ତବାବୁ । ଇଟାଭାଟିର ଅଳ୍ପଦୂରରେ ରହିଛି ଗାଁ ଟିଏ । ନାମ ତା'ର ରୁଦ୍ରପୁର । ସେହି ଗ୍ରାମରେ ତାଙ୍କର ମାମୁଘର । ମାମୁ ଓ ମାଇଁ ଅଛନ୍ତି ଆର ପାରିରେ । ସେମାନଙ୍କ ପିଲା ଛୁଆ ନ ଥିଲେ । ମାମୁ ମାଇଁଙ୍କ ଅନ୍ତେ ମାମୁଘର ଝିଅଟି ସେମିତି ଖାଲି ଖାଲି ପଡ଼ି ରହିଅଛି । ସମୟକ୍ରମେ ଡ଼ିହ ଉପରେ ଥିବା ଘରଟି ଡ଼ିହ ଉପରେ ପଡ଼ି ପାଟିରେ ମିଳେଇ ଯାଇଛି । ହେଲେ ସୁମନ୍ତବାବୁ ମାମୁଘର ଗାଆଁ ଓ ମାଟିର ମୋହ ଆଜିର ବୁଢ଼ା ବୟସରେ ମଧ୍ୟ ଛାଡ଼ି ପାରି ନାହାନ୍ତି । ମଝିରେ ମଝିରେ ଯାଇ ମାମୁଘର ଭିଟାମାଟିରେ ଠିଆ ହୋଇଥିବା ବରଗଛତଳେ ବସି ମାମୁ ଘରର ସ୍ମୃତି ଚାରଣ କରନ୍ତି । ମାମୁ ମାଇଁ, ଅଜା ଆଇଙ୍କ କଥା ମନେ ପକାନ୍ତି । ସେଥିରେ ତାଙ୍କୁ ଅନେକ ଆନନ୍ଦ ମିଳେ । ସତେ ଯେମିତି ସେ ଏକ ତୀର୍ଥସ୍ଥାନ ଭ୍ରମଣରେ ଆସି ଅଛନ୍ତି । ସେଦିନ ସୁମନ୍ତବାବୁ ଯେମିତି ଇଟାଭାଟିର ପାଖାପାଖି ହୋଇଛନ୍ତି ତାଙ୍କ କାନରେ ଏକ ଚମକ ପ୍ରଦ ଜୀବନ ଦର୍ଶନ ଭିତ୍ତିକ ଗୀତଟିଏ ପଡ଼ିଲା । ତାହା ଥିଲା ଆତ୍ମନ ନିଦ୍ରା ।

ସେଇ କର୍ମତାଟିକୁ ସେ ପିଲାବେଳେ ପାଠ୍ୟ ପୁସ୍ତକରେ ପଢ଼ିଥିଲେ । ତାହା ଥିଲା ସ୍ୱର୍ଗତ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ । ଭକ୍ତ କବିଙ୍କର ଏଇ ରଚନାଟିକୁ କିଏ ଗାଇଛି ବୋଲି ଏଣିକି ତେଣିକି ଚାହିଁଲେ । ଭାବିଲେ ବୋଧ ହୁଏ ଇଟାଭାଟିର କୌଣସି ଶ୍ରମିକ ଗାଉଛି । ମାତ୍ର ଖରାବେଳେ ସେଇ ନିର୍ଜ୍ଜନ ସ୍ଥାନରେ କେହି ଥିବାର ସେ ଦେଖିଲେ ନାହିଁ । ତାଙ୍କ ମନରେ ଗୀତଟି ଗାଉଥିବା ମଣିଷ ପିତାକୁ ଦେଖିବା ପାଇଁ ଆଗ୍ରହ ଆସିଲା । ସେ ଆଉ ସିଧା ମାମୁଘର ଗାଁକୁ ନଯାଇ ଚାଲିଲେ ରାସ୍ତାକଡ଼ରେ ଅଳ୍ପଦୂରରେ ଥିବା ସେଇ ଇଟା ଭାଟି ଆଡ଼କୁ । ଗୀତର ସ୍ୱର ତାକୁ ବାଟ କଢ଼ାଇ ନେଲା ସେ ସୁନା ପିଲାଟି ପରି ଗୀତର ସ୍ୱର ଭାସି ଆସୁଥିବା ଦିଗରେ ଚାହିଁଲେ ।

ଇଟାଭାଟିର ପଛପଟେ ଯାହା ଦେଖିଲେ ସେଥିରେ ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଦେଖିଲେ ଭାଟିର ପଛ ପଟରେ ଦିନ ଦୁଇଦିନ ତଳର କଥା ଇଟା ଖଣ୍ଡମାନ ପଡ଼ି ରହିଅଛି । ଆଉ ଦଶ ବାର ବର୍ଷର ପିଲାଟିଏ ମାଟିରେ ପାଣି ମିଶାଇ ଇଟା ତିଆରି ଉପଯୋଗୀ କାଦୁଅ ତିଆରି କରୁଛି । ପିଲାଟି ଯେ ଜଣେ ଶିଶୁ ଶ୍ରମିକ ଏହା ସୁମନ୍ତବାବୁ ଅତି ସହଜରେ ବୁଝି ପାରିଲେ । ସେ ପିଲାଟି ପାଖକୁ ଗଲେ କହିଲେ, "ବାବୁରେ ! ଏତେ ସୁନ୍ଦର ଗୀତ ଗାଉଛୁ । ତୋ ବୟସର ପିଲାମାନେ ହସିଖେଳି ସମୟ କାଟୁଛନ୍ତି । ତୁ ସ୍କୁଲ ନଯାଇ ଏଠି ଖଟୁଛୁ କାହିଁକି ?"

ପିଲାଟି କହିଲା, "ଏଠି ଖଟିବା ପାଇଁ ମୋତେ ମାଲିକ କିଏ କହି ନାହାନ୍ତି । ମୁଁ ନିଜେ ନିଜପାଇଁ କାମ କରୁଛି । ମାଲିକ ମୋତେ କହିଛନ୍ତି । ମୁଁ ଅଧିକ ଖଟିଲେ ଅଧିକ ଇଟା ତିଆରି କଲେ ଅଧିକ ପଇସା ମଧ୍ୟ ପାଇବି ।" ପିଲାଟିର କଥାଶୁଣି ସୁମନ୍ତବାବୁ ଆଶ୍ଚର୍ଯ୍ୟ ହେଲେ । ଟିକିଏ ରହି ପୁଣି ଆରମ୍ଭ କଲେ "ନା, ବାପା ! ସେମିତି କହିନି । ଏତେ ପିଲାବେଳୁ ତୋର ପଇସା କ'ଣ ହେବ କହିଲୁ ? ତୋ ମାଲିକ ଜଣେ ନିଷ୍ଠୁର ଲୋକ । ତୋତେ ଶିଶୁ ଶ୍ରମିକ ସଜାଇ ସେ ଆନନ୍ଦ ପାଉଛନ୍ତି । ଆଇନ ଅନୁସାରେ ତାଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା ମୁଁ କରିବି । ତୋର ଏଇଟା ପାଠ ପଢ଼ାର ସମୟ । ଏ ସମୟ ଥରେ ଚାଲିଗଲେ ଆଉ ଫେରି ଆସିବ ନାହିଁ ।" ପିଲାଟି ସୁମନ୍ତବାବୁଙ୍କ ଆଡ଼କୁ ଚାହିଁ ଟିକିଏ ହସିଲା । ପୁଣି ଆରମ୍ଭ କଲା, "ମୁଁ ପରା ସ୍କୁଲକୁ ପାଠ ପଢ଼ିବାକୁ ଯାଉଛି । ମୋ ପାଠ ପଢ଼ାର ବ୍ୟବସ୍ଥା ମୋର ଏଇ ଇଟାଭାଟିର ମାଲିକ ଜଣକ କରିଛନ୍ତି । ତାଙ୍କ ଚେଷ୍ଟାରେ ଆମ ଗ୍ରାମ ରୁଦ୍ରପୁରରେ ଏକ ଶିଶୁ ଶ୍ରମିକ ବିଦ୍ୟାଳୟ ଖୋଲାଯାଇଅଛି । ସନ୍ଧ୍ୟାବେଳେ ମୁଁ ସେଠାରେ ପଢୁଅଛି ।

"ତାହେଲେ କ'ଣ ଇଟାଭାଟିର ମାଲିକ ତୋତେ ଏଇ ନିଧୂମ ଖରାବେଳେ ଅଧିକ ପଇସା ଦେବେ ବୋଲି କହି ଖଟାଇବେ ? ଏହା ତୋ ଭଳି ସରଳ ନିଷ୍ପାପ ଶିଶୁପ୍ରତି ଅତ୍ୟାଚାର । ସମଗ୍ର ଶିଶୁ ମାନଙ୍କ ପାଇଁ ଅତ୍ୟାଚାର । ମୁଁ ଏଇକଥା ସହି ପାରିବି ନାହିଁ । ମାଲିକ ଜଣକ ଶିଶୁ ଅଧିକାର ଆଇନ ଖିଲାପ କରୁଛନ୍ତି । ସେଥିପାଇଁ ତାଙ୍କୁ ଦଣ୍ଡଦେବାର ବ୍ୟବସ୍ଥା କରିବି" ଏହା କହି ସୁମନ୍ତବାବୁ ଏକ ଦୀର୍ଘ ନିଃଶ୍ୱାସ ଛାଡ଼ିଲେ ।

ସୁମନ୍ତ ବାବୁଙ୍କ କଥାଶୁଣି ପିଲାଟି ମନେ ମନେ ବିରକ୍ତ ହେଲା । ସେ ପ୍ରତିକ୍ରିୟା ପ୍ରକାଶ କରି କହିଲା "ଏଇ ଭାଟିର ମାଲିକ ଜଣେ ପାଠ ଶାଠ ଜାଣିଥିବା ମଣିଷ । ତାକୁ ଆମ ଦେଶର ଆଇନ କାନୁନ୍ ମଧ୍ୟ ଜଣାଅଛି ।" ତେବେ ସେ ଏପରି କାମ କାହିଁକି କରୁଛନ୍ତି । ସୁମନ୍ତବାବୁ ପଚାରିଲେ ।

ପିଲାଟି ସଙ୍ଗେ ସଙ୍ଗେ ଦୁଃଖ ପ୍ରକାଶ କରି କହିଲା, " ସେ କିଛି କରି ନାହାନ୍ତି । ଯାହା ଘଟିଛି; ତାହା ମୋର ଭାଗ୍ୟ କରିଛି । ମୋ ଜନ୍ମ ପରେ ବାପା ମୋର ଆର ପାରିକି ଚାଲିଗଲେ । ମା' ଦିନ ମଜୁରିଆ ଆମ ପାଇଁ ଅନ୍ନ ଦୁଇମୁଠା ଯୋଗାଡ଼ କରୁଥିଲା । ଗତବର୍ଷରୁ ସେ ରୋଗରେ ପଡ଼ିଛି ଯେ ଆଉ ଉଠୁନାହିଁ । ତେଣୁ ଏଠାରେ ଆସି କାମକରି ଯାହା ପାଉଛି, ସେଥିରେ ଆମେ ଚଳୁଛୁ । ମା' ପାଇଁ ଔଷଧ ମଧ୍ୟ କରୁଛି । ତେବେ ଆଉ କ'ଣ ? ସୁମନ୍ତବାବୁ ପଚାରିଲେ । ପିଲାଟି କହିଲା "ଖରାବେଳେ ଖଟିବା ପାଇଁ ମୋ ମାଲିକ ମୋତେ କେବେ କହି ନାହାନ୍ତି । ଅଧିକ ଇଟା ତିଆରି କଲେ ଅଧିକ ପଇସା ପାଇବି । ମୋ ମା' ପାଇଁ ଔଷଧ ପତ୍ର ସେଇ ପଇସାରେ କିଣିବି । ଆପଣ କହିଲେ, ମୁଁ କାମ ନକଲେ ମୋତେ କିଏ ଦି' ପଇସା ଦେବେ । ମୋ ମା'ର ଔଷଧ ପତ୍ର ଖର୍ଚ୍ଚ କିଏ ତୁଲେଇବ ?"

ପିଲାଟି ମୁହଁରୁ ତା'ର ବିଚାରଧାରା ଶୁଣି ସୁମନ୍ତବାବୁ ନୀରବ ରହିଲେ । ଇଟା ଭାଟି ମାଲିକ ଶିଶୁ ଶ୍ରମିକର ଆଇନଗତ ଦିଗପ୍ରତି ଯେ ସଚେତନ ଅଛନ୍ତି; ଏକଥା ବୁଝିବାକୁ ତାଙ୍କୁ ଡ଼େରି ଲାଗିଲା ନାହିଁ । ସେ ଆଇନ ଅନୁଯାୟୀ ପିଲାଟିକୁ କାମରେ ନିୟୋଜିତ କରିଛନ୍ତି, ପାଠ ପଢ଼ାଉଛନ୍ତି; ଆଉ ତାର ଭଲ ମନ୍ଦ ଖବର ମଧ୍ୟ ବୁଝୁଛନ୍ତି ।

ପିଲାଟି ସୁମନ୍ତବାବୁଙ୍କ ନୀରବତା ଭାଙ୍ଗି ଯାଉଥିବା ପଚାରିଲା "ଆଜ୍ଞା ! ଆପଣ କୁଆଡ଼େ ଯିବେ ।" ସୁମନ୍ତବାବୁ କହିଲେ, "ମୋ ମାମୁଘର ଗାଁକୁ । ତୁମ ସ୍କୁଲ ଥିବା ରୁଦ୍ରପୁର ଗ୍ରାମକୁ" । ପିଲାଟି କହିଲା "ହଉ ଆଜ୍ଞା ! ଆପଣ ଯାଆନ୍ତୁ । ହେଲେ ଆମର ଶିଶୁ ଶ୍ରମିକ ବିଦ୍ୟାଳୟକୁ ଟିକିଏ ଦେଖି ଆସିବେ । ସୁମନ୍ତବାବୁ କହିଲେ "ଯେତେବେଳେ ଯାଉଛି ନିଶ୍ଚିତ ଦେଖି ଆସିବି ।"

ସେଠାରୁ ସେ ସିଧା ସିଧା ଚାଲିଲେ ମାମୁଘର ଗାଁ ରୁଦ୍ରପୁରକୁ । ଗାଁରେ କାହା ସହିତ କିଛି କଥାବାର୍ତ୍ତା ନକରି ସେ ମାମୁଘର ଝିଅ ପାଖରେ ପହଞ୍ଚିଲେ । ମାତ୍ର ସେଠାରେ ସେ ଝିଅଟି ସେମିତି ପରିତ୍ୟକ୍ତ ହୋଇନଥିଲା । ଡ଼ିହ ଉପରେ ଥିବା ଗୋଟିଏ ପାର୍ଶ୍ୱରେ ଥିବା ବରଗଛଟି ମାମୁଘର ସ୍ମୃତି ବହନ କରି ସେମିତି ଠିଆ ହୋଇ ରହିଥିଲା । ସତେ ଯେମିତି ତାଙ୍କୁ ଡ଼ାକୁଥିଲା, ଆସ । ମୋ ତଳେ ଟିକିଏ ବସ । ମାମୁ ପାଇଁ ଅଜା ଆଇଙ୍କ ସ୍ମୃତି ଚାରଣରେ ।" ଆଉ ସେଇ ପରିତ୍ୟକ୍ତ ଘର ଉପରେ ଠିଆ ହୋଇଛି ମାମୁ ଘରଙ୍କ ସ୍ମୃତି ବହନ କରି ବିଦ୍ୟାଳୟଟିଏ । ନାମ ତା'ର ସାଧୁ ସୁସ୍ମିତା ଆଦର୍ଶ ଶିଶୁ ଶ୍ରମିକ ବିଦ୍ୟାଳୟ" ।

ସୁମନ୍ତବାବୁ ଆଉ ବିଦ୍ୟାଳୟ ଭିତରକୁ ଗଲେ ନାହିଁ । ଯିବାର ମଧ୍ୟ ଅବକାଶ ନଥିଲା । କାରଣ ବିଦ୍ୟାଳୟ ଭିତରକୁ ଯିବା ନିମନ୍ତେ ଥିବା ପ୍ରବେଶ ଦ୍ୱାର ଟିରେ ଏକ ବଡ଼ ତାଲା ଝୁଲୁଥିଲା ହୁଏତ ସନ୍ଧ୍ୟା ବେଳକୁ ଖୋଲିବ ଓ ଦିନରେ ବିଭିନ୍ନ ସ୍ଥାନରେ କାମ କରୁଥିବା ଶିଶୁମାନେ ଆସି ପଢ଼ିବେ । ସେ ପ୍ରବେଶ ଦ୍ୱାରର ବାହାରେ ବାହାରେ ଥାଇ ମାମୁ ମାଇଁଙ୍କ ଉଦ୍ଦେଶ୍ୟରେ ସଭକ୍ତି ପ୍ରଣାମ ଜଣାଇ ଫେରି ଆସିଲେ ସହରରେ ଥିବା ତାଙ୍କ ବସା ଘରକୁ ।

ମାମୁ ମାଇଁଙ୍କ ସ୍ମୃତି ସହିତ ତାଙ୍କ ସ୍ମୃତିରେ ଆଉ ଗୋଟିଏ ସ୍ମୃତି ଯୋଡ଼ି ହୋଇଗଲା । ସେଇ ସ୍ମୃତି ହେଉଛି ସେଇ ଶିଶୁ ଶ୍ରମିକ; ଯିଏ ବଞ୍ଚି ରହିବା ପାଇଁ ଶ୍ରମ ହେଉଛି; ପାଠ ପଢୁଛି; ଆଉ ରୋଗିଣା ବୃଦ୍ଧା ମାଆଟିର ମଧ୍ୟ ସେବା ଶୁଶଷା କରୁଛି ।



ବରପାନ ଠାରେ ନିର୍ମାଣ ଶ୍ରମିକ ପିଲାଙ୍କ ଆଞ୍ଚଳିକ ଶିଶୁ ମହୋତ୍ସବରେ କୁନି ହାତର କରାମତି

# ଧରମା ପ୍ରତିଷ୍ଠାନ ପକ୍ଷରୁ ଶିଶୁ ମହୋତ୍ସବ ପାଳିତ

## ଶିଶୁ ମହୋତ୍ସବ ଶ୍ରେଣୀ କୋଠରୀକୁ ଫେରି ଯିବାକୁ ଉତ୍ସାହିତ କରିବାସହ ପିଲାଙ୍କ ମଧରେ ଆତ୍ମବିଶ୍ୱାସ ବୃଦ୍ଧି କରି ପାରୁଛି ।

ଝାରସୁଗୁଡ଼ା: ସ୍ଥାନୀୟ ବରପାନ ଖଡ଼ିଆମାଲ ଶିବ ମନ୍ଦିର ପ୍ରାଙ୍ଗଣରେ ଗତ ତା ୨୦, ଜୁନ, ୨୦୧୮ ରିଖରେ ଧରମା ପ୍ରତିଷ୍ଠାନ ପକ୍ଷରୁ ଓ ପ୍ରଗତିଶୀଳ ଶ୍ରମିକ ମଞ୍ଚର କର୍ମକର୍ତ୍ତାଙ୍କ ସହଯୋଗରେ ଏବଂ ଶ୍ରୀ ବଜରଂଗ ନାଏକଙ୍କ ସଂଯୋଜନାରେ ନିର୍ମାଣ ଶ୍ରମିକ ପିଲାଙ୍କର ଏକ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି । ସୁବନ୍ତି ଖଡିଆ ଧରମା ଶିଶୁ ମହୋତ୍ସବର ଲକ୍ଷ ଓ ଉଦ୍ଦ୍ୟେଶ୍ୟ ଉପରେ ସୂଚନା ଦେଇଥିଲେ । ଅଧାରୁ ପାଠ ଛାଡ଼ି ଚାଲିଯାଉଥିବା ଓ ନିର୍ମାଣ କ୍ଷେତ୍ରରେ ନିୟୋଜିତ ଥିବା ପିଲାମାନେ ଏହି କାର୍ଯ୍ୟକ୍ରମର ବିଶେଷଭାବରେ ସାମିଲ କରାଯାଇଥିଲା । ନିର୍ମାଣ ଶିଳ୍ପରେ ନିୟୋଜିତ ରହିଥିବା ଶ୍ରମିକ ପିଲାଙ୍କ ମଧ୍ୟରେ ଯେଉଁ ପ୍ରତିଭା ରହିଛି ତାକୁ ପ୍ରୋତ୍ସାହନ ଦେବା ଓ ପ୍ରତିଭାକୁ ନେଇ ପ୍ରତିଯୋଗିତା କରିବା ଓ ସେମାନଙ୍କ ପିଲାଙ୍କ ମଞ୍ଚ ଧରମା ମଞ୍ଚରେ ସାମିଲ କରିବା । ଦାରିଦ୍ର୍ୟ, ଅଭାବ, ଅସୁରକ୍ଷିତ ଜୀବନ ଓ କ୍ରମାଗତ ଅବହେଳା ସତ୍ତ୍ୱେ ଏହି ପିଲାଙ୍କ ମଧ୍ୟରେ ଥିବା ଦକ୍ଷତା ଓ ପ୍ରତିଭାର ଅନ୍ୱେଷଣ କରିବା ସହ ତାର ବିକାଶ ପାଇଁ ଧରମା ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବାସ୍ତବରେ ଏହିସବୁ ପିଲାମାନଙ୍କ ମନରେ ଦେଇଥିଲା ଆନନ୍ଦ, ଉତ୍ସାହ ଓ ସାହସ । ନାଚ, ଗୀତ ଓ ଚିତ୍ରାଙ୍କନରେ ଅଂଶଗ୍ରହଣ କରି ପିଲାମାନେ ପ୍ରଦର୍ଶନ କରିଥିଲେ ନିଜନିଜର ନିଆରା ପାରଦର୍ଶିତା । ଅନୁଷ୍ଠାନିକ ଶିକ୍ଷା ବା ତାଲିମ୍ ବିନା ଏହିପିଲାମାନେ ଯେଉଁ ଉତ୍କର୍ଷର ଉଦାହରଣ ପ୍ରଦର୍ଶନ କରି ପାରୁଛନ୍ତି ତାହା ତଥାକଥିତ ସମ୍ଭ୍ରାନ୍ତ ବର୍ଗର ତାଲିମ ପ୍ରାପ୍ତ ଏବଂ ବ୍ୟୟ ବହୁଳ ପ୍ରଶିକ୍ଷାର୍ଥୀ ମାନଙ୍କୁ ପଛରେ ପକାଇ ଦେବାକୁ ଥିଲା ।

ଏହି ଶିଶୁ ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ରଗତିଶୀଳ ଶ୍ରମିକ ମଞ୍ଚର ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ରକ୍ଷାକର ଅନୁପମ, କହିଲେ ଧରମାର ଏହି ନିଆରା କାର୍ଯ୍ୟକ୍ରମ ଅନିୟମିତ ଶ୍ରମିକ ପିଲାଙ୍କୁ ଉତ୍ସାହିତ କରିବାସହ ଶିକ୍ଷାର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରେରଣା ଦେବେ । ଏହି ଅଭିନବ ଶିଶୁ ମହୋତ୍ସବ ଆଧୁନିକ ଧରମା ମାନଙ୍କୁ ପ୍ରେରଣା ଦେବ । ଏହି ଅଭିନବ ଶିଶୁ ମହୋତ୍ସବ ଆଧୁନିକ ଧରମା ମାନଙ୍କୁ ପ୍ରେରଣା ଯୋଗାଇବ । ନଂଚ ଦ୍ୱାରା ପରିଚାଳିତ ଶାଖା କମିଟି ମାନେ ଅଳ୍ପ ସମୟ ବ୍ୟବଧାନରେ ଏପରି ଏକ କାର୍ଯ୍ୟକ୍ରମ ଆୟୋଜିତ କରିପାରିଥିବାରୁ ଧନ୍ୟବାଦ ଦେଇଥିଲେ । ଅକ୍ଟୋବର ୨ ରେ ଶିଶୁ ଅଧିକାରକୁ ନେଇ ଯେଉଁ ପଦଯାତ୍ରା କରାଯିବାର ଯୋଜନା ରଖାଯାଇଛି ବରପାଏନ ଶିବ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ କରାଯିବାକୁ ଯୋଜନା କରାଯାଇଛି ।ଅନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ଧରମା ଫାଉଣ୍ଡେସନର ସଂଯୋଜିକା ଶ୍ରୀମତି ସୁଷମା ସାହୁ, ସମାଜସେବୀ ଶ୍ରୀ ସୁନ୍ଦରମଣି ପଟେଲ, ଜିଲ୍ଲା ପରିଷଦ ସଭ୍ୟା ଶୀମତି ସ୍ୱପ୍ନାମୟୀ ପଟେଲ ସାମ୍ବାଦିକ ଶ୍ରୀ ସୁମନ୍ତ ଶେଖର ବହିଦାର ପ୍ରମୁଖ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ରଖିବା ସହ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ । କିର୍ମିରା ବ୍ଲକର ବିଭିନ୍ନ ପଞ୍ଚାୟତ ରୁ ୨୦୦ ରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ମାନଙ୍କର ପୁଅ ଓ ଝିଅ ମାନେ ଅଂଶ ଗ୍ରହଣ କରି ତାଙ୍କ ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଇଥିଲେ । ସେମାନଙ୍କ ପିତା ମାତା ମାନେ ଅର୍ଥାତ୍ ବିଭିନ୍ନ ଗ୍ରାମ୍ୟ ଶାଖା କମିଟିର ନିର୍ମାଣ ଶ୍ରମିକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଶିଶୁ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ । ବିଶେଷ କରି ବରପାନ, ଟାଙ୍ଗରଗଡ଼ା, ବରିହାପଡ଼ା, କୁଲୁଥମାଲ, ଛେଲିଆପଡ଼ା, ବଇଜାପାଲି, ବାଙ୍କି, ବାଇଗନବୁଡ଼, ଝାରମୁଣ୍ଡା, ପାକେଲଖୋଲ ଶାଖା କମିଟିମାନଙ୍କର କର୍ମକର୍ତ୍ତା ଶ୍ରୀ ବଜରଙ୍ଗ ନାଏକ, ବିଶ୍ୱନାଥ ସା, ସୁଲତା ବାଗ, ବାବୁଲାଲ ବାଗ, ତ୍ରିନାଥ ନେଟି, କଲକତି ପ୍ରଧାନ, ଶ୍ରୀକର ପିଙ୍ଗ, ଉର୍ବାସି ଧାନ, ଚିନ୍ତାମଣି ଷଣ୍ଡ, ସୁରୁବାଲି ମାଝି ଓ ମମତା ବାଗ ପ୍ରମୁଖ କାର୍ଯ୍ୟକ୍ରମକୁ ସହେଯାଗ ଓ ସହାୟତା କରିଥିଲେ ।

ଏହି ପ୍ରତିଭା ମାନଙ୍କ ମଧରେ ଦିବ୍ୟାଙ୍ଗ ଶିଶୁ ବଳଭଦ୍ର ବୁଦୁଲା, ବିବେକ ତାଣ୍ଡିଆ, ନମିତା ପ୍ରଧାନ, ସୁଭଦ୍ରା ବେହେରା, ଶୃତି ଗର୍ଡ଼ିଆ, ଚନ୍ଦ୍ରକାନ୍ତି ନାଏକ, ଦୀପିକା ନାଏକ, ଗୌରୀ ମୁଣ୍ଡା ଗୀତ ଓ ନୃତ୍ୟ କରି ଦର୍ଶକ ମାନଙ୍କର ମନମୋହି ଥିଲେ । ପ୍ରଚଣ୍ଡ ରୌଦ୍ର ତାପ ସତ୍ତ୍ୱେ ଶିଶୁ ମାନଙ୍କ ନୃତ୍ୟ ଗୀତରେ ଅତିଥି ମାନଙ୍କ ସହ ଶ୍ରମିକ ମାନେ ନାଚ ଗୀତରେ ସାମିଲ ହୋଇ ବିଭୋର ହୋଇ ଯାଇଥିଲେ । ଲାଗୁଥିଲା ଯେମିତି ଶିଶୁ ମାନଙ୍କ ନୃତ୍ୟ ଗୀତର ତାଳେ ତାଳେ ବୃକ୍ଷମାନଙ୍କର ଛାଇ ବି ନୃତ୍ୟ କରୁଥିଲା ।ଝାରମୁଣ୍ଡା ପଂଚାୟତର ବିଭିନ୍ନ ଗ୍ରାମର ମଙ୍କଟକ୍ତର ଶାଖା କମିଟି ମାନେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ୟକ୍ତା ରହିବା ସହ ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲା । ଆସନ୍ତା ଜୁଲାଇ ୧୫ ରୁ ଅଗଷ୍ଟ ୧୫ ତାରିଖ ଭିତରେ ଶ୍ରମିକ ମଞ୍ଚର ଗୋଷ୍ଠୀ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଧରମା ଫାଉଣ୍ଡେସନର ପିଲାମାନେ ଯୋଗଦାନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଶେଷରେ ବ୍ଲକ ସଂପାଦକ ମନୋଜ ନାଏକ ଧନ୍ୟବାଦ ଦେଇଥିଲେ ।




















# ପରିବେଶ ସଚେତନତା ପାଇଁ ଅଣ୍ଟା ଭିଡ଼ିଲେ ଛାତ୍ର ଛାତ୍ରୀ

ଜୁନ ୫ ବିଶ୍ୱ ପରିବେଶ ଦିବସ । ଏହି ଅବସରରେ ଧରମା ପ୍ରତିଷ୍ଠାନ ପକ୍ଷରୁ ବିରାଟ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶିଳ୍ପାଞ୍ଚଳରେ ଧରମା ପ୍ରତିଷ୍ଠାନ କାର୍ଯ୍ୟାଳୟରୁ ସାଇକେଲ ଶୋଭାଯାତ୍ରାକୁ ଜିଲ୍ଲାପାଳ ଶ୍ରୀ **ବିଭୂତି ଭୂଷଣ ପଟ୍ଟନାୟକ,** ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନୀ ପ୍ରଫେସର **ସଞ୍ଜୀତ ସାହୁ,** ଡ଼ିଏଭି ସ୍କୁଲ ର ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା, ସମାଜସେବୀ ସୁବ୍ରତ ତ୍ରିପାଠୀ, ଧରମା ପ୍ରତିଷ୍ଠାନର ପ୍ରତିଷ୍ଠାତା ଶ୍ରୀ **ରକ୍ଷାକର ଅନୁପମ,** ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଛାତ୍ର ଛାତ୍ରୀମାନେ ସାଇକେଲରେ ସହରର ମୁଖ୍ୟ ରାସ୍ତା ସହ ବିଭିନ୍ନ ଗ୍ରାମ ଓ ବସ୍ତିରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏକାତାଲି, ସରବାହାଲ, ପୁରୁଣାବସ୍ତି, ବେହେରାମାଲ ଓ ପଞ୍ଚପଡ଼ା ଠାରେ ସାଇକେଲ ଯାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାଇକେଲ ଯାତ୍ରୀମାନେ ସଭାସ୍ଥଳରେ ପହଞ୍ଚିବା ପରେ ସେଠାରେ ପୂର୍ବରୁ ରୁଣ୍ଡ ହୋଇଥିବା ଅଣସଂଗଠିତ ଶ୍ରମିକ ସାଥୀମାନେ ଆଭିଯାତ୍ରୀ ମାନଙ୍କୁ ପାଛୋଟି ନେଇ ସମ୍ବର୍ଦ୍ଧିତ କରିଥିଲେ । ସଭାର ପ୍ରାରମ୍ଭରେ ଶ୍ରୀ ସୁନ୍ଦରମଣି ପଟେଲଙ୍କ ଟାଇକୁଣ୍ଡ ଦଳ ଏକ ସଚେତନ ଧର୍ମୀ ନାଟକ ପ୍ରଦର୍ଶନ କରିଥିଲେ ଓ ସୁଶ୍ରୀ ସୁବନ୍ତି ଧନ୍ୟବାଦ ଦେଇଥିଲେ । ସମାଜ ସେବୀ ସାବିତ୍ରୀ ପରିଡ଼ା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।

ଶୀ **ରକ୍ଷାକର ଅନୁପମ** କହିଲେ ପରିବେଶ ଦିବସରେ ଗୋଟିଏ ଯୋଡ଼ିଏ ଗଛ ରୋପଣ କରି ଫଟୋ ଉଠାଇ ବାହାବା ନେଉଥିବା ସଂଗଠନ ଓ ବ୍ୟକ୍ତି ବିଶେଷମାନେ ବୁଝିବା ଦରକାର ବୃକ୍ଷ ରୋପଣ ନାମରେ କ'ଣ ପ୍ରତାରଣା କଲେ । ଏପରି ପ୍ରଚାର ସର୍ବସ୍ୱ ଓ ଲୋକ ଦେଖାଣିଆ କାର୍ଯ୍ୟକ୍ରମ ପରିବେଶ ରକ୍ଷା କରିବାତ ଦୂରର କଥା ବରଂ ପରିବେଶ ପ୍ରତି ତାଚ୍ଛଲ୍ୟ ବ୍ୟବହାର । ଏହା ବନ୍ଦ ନ ହେଲା ପର୍ଯ୍ୟନ୍ତ ପରିବେଶର ବହୁ କ୍ଷତି ହୋଇ ଚାଲୁଥିବ । ଜିଲ୍ଲାରେ ଉତ୍ତାପ ବୃଦ୍ଧି, ବ୍ୟାପକ ପ୍ରଦୂ୍ୟଷଣ ଓ ଜଙ୍ଗଲର କ୍ରମାଗତ ଅବକ୍ଷୟ ହେବା ଫଳରେ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇବା ସହ ଜଳ ସ୍ତର ହ୍ରାସ, ବୃତ୍ତିଗତ ରୋଗ, ଉଡ଼ନ୍ତା ପାଉଁଶର ମାଡ଼ ଏବଂ ସ୍ୱଳ୍ପ ବୃଷ୍ଟିପାତ ନୂଆନୂଆ ଆହ୍ୱନ ଆଣି ଛିଡ଼ା କରୁଛି । ଜଙ୍ଗଲ ଯେତିକି ଧ୍ୱଂସ ହେଉଛି ସେହି ପରିମାଣରେ ବୃଷ୍ଟିପାତ ହ୍ରାସ ପାଉଛି । ମାତ୍ର ଦେଶର ପରିବେଶ ବିଜ୍ଞାନୀମାନେ ଏହି ସବୁକୁ ଦେଖି ସତର୍କ ସୂଚନା ଦେଇ ଆସୁଥିଲେ ମଧ୍ୟ ଆମ୍ଭ ମାନଙ୍କର ସେଥିପ୍ରତି ଖାତିର ନାହିଁ । ଅନ୍ୟ ପକ୍ଷରେ ରାସାୟନିକ ସାରର ବହୁଳ ବ୍ୟବହାର ଫଳରେ ରୋଗ ଓ ରୋଗୀଙ୍କ ସଂଖ୍ୟା ଦେଶରେ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି । ସମସ୍ତ କଥା ଜାଣି ମଧ୍ୟ ସଭ୍ୟ ସମାଜ ବେପରବାଏ ହୋଇ କାମ କରୁଛି । କୌଣସି ସତର୍କ ଘଣ୍ଟି ତା' କାନରେ ବାଜୁ ନାହିଁ ।

ବିଶ୍ୱ ପରିବେଶ ଦିବସ ପାଇଁ ଏ ବର୍ଷ ଜାତିସଂଘର ବିଷୟ ପ୍ଲାଷ୍ଟିକ ବ୍ୟବହାରକୁ ପ୍ରତିହତ କରିବା । ଏ ବର୍ଷ ପରିବେଶ ଦିବସରେ ପ୍ଲାଷ୍ଟିକ ପ୍ରଦୂ୍ୟଷଣ ରୋକିବାରେ ନାଗରିକ ସମାଜର ଭୂମିକା ଶୀର୍ଷକ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ମାନ ଗ୍ରହଣ କରାଯାଇଛି ।

"ପ୍ଲାଷ୍ଟିକ ପ୍ରଦୂ୍ୟଷଣ ରୋକିବାରେ ନାଗରିକ ସମାଜର ଭୂମିକା" ଶୀର୍ଷକ ଆଲୋଚନାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ **ତ୍ରିଲୋଚନ ମାଝି** ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି କହିଲେ ପ୍ଲାଷ୍ଟିକ ବ୍ୟବହାର ଆମ ସମାଜର ଅଭୂତ କ୍ଷତି କରୁଛି ଏହା ଯେତେ ଶିଘ୍ର ବନ୍ଦ ହୋଇ ପାରିବ ତାହା ସମାଜ ପାଇଁ ଭଲ । ଆଜିର ଏହି ଉଦ୍ୟମକୁ ଉଚ୍ଚ ପ୍ରଂଶସା କରି କହିଲେ ଧରମା ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରଂଶସନୀୟ ମୁଁ କାର୍ଯ୍ୟକ୍ରମକୁ ବଧେଇ ଜଣାଉଛି ଓ କପଡ଼ା ବ୍ୟାଗ ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଥିଲେ ।

ଶ୍ରୀମତି **ସୁଷମା ସାହୁ** କହିଲେ ଅଣସଂଗଠିତ ଶ୍ରମିକ ମାନେ ଏପରି କାର୍ଯ୍ୟକ୍ରମକୁ ଗତ ଦେଢ଼ ଦଶନ୍ଧି ହେବ ପରିଚାଳନା କରି ଆସୁଛନ୍ତି । ଗତ ବର୍ଷ ଶ୍ରମିକ ମାନେ ନିଜ ବାଡ଼ି ବଗିଚାରେ ରୋପଣ କରିଥିବା ଦୁଇ ହଜାରରୁ ଅଧିକ ବୃକ୍ଷ ବଂଚାଇ ପାରିଛନ୍ତି । ନାଗରିକ ସମାଜ ଯେପରି ସେମାନଙ୍କୁ ଉତ୍ସାହିତ କରିବା କଥା ତାହା କରିବାକୁ ନିଜ ମଧ୍ୟରେ ସାହାସ ଜୁଟାଇ ପାରୁନାହାନ୍ତି । ନିଜେ କିଛି କରିବା ପରିସ୍ଥିତିରେ ନାହାନ୍ତି । ନାକାରାତ୍ମକ ଭାବନା ଆମ ସମାଜକୁ ଧ୍ୱଂସ କରିଦେବ । ଝାରସୁଗୁଡ଼ାରେ କେଉଁସବୁ ସ୍ଥାନରେ ବୃକ୍ଷ ରୋପଣ ହୋଇ ପାରିବ ତାର ନକ୍ସା ପ୍ରସ୍ତୁତ କରି ଆମକୁ ଦିଅନ୍ତୁ ଆମ ଶ୍ରମିକମାନେ ବୃକ୍ଷ ରୋପଣ କରି ଦେଖାଇବେ । ଭାଷଣରେ ନୁହେଁ ବାସ୍ତବରେ କରାଯାଇଥିବା ବୃକ୍ଷ ରୋପଣ ହିଁ ଆମକୁ ବଞ୍ଚାଇ ରଖିବ । ଶ୍ରୀମତି ସାହୁ ସମସ୍ତଙ୍କ ବାଡ଼ିରେ ଗୋଟିଏ ଲେଖାଏଁ ସଜନା ଗଛ, ପବିତା ଗଛ, ପିଜୁଳି ଗଛ ରୋପଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଏହାକୁ ଶ୍ରମିକମାନେ କରତାଳି ଦ୍ୱାରା ସମର୍ଥନ ଜଣାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡ଼, ଡ଼ିଡ଼ିଏମ୍ ଶ୍ରୀ ଏସ୍.ପି ମହାପାତ୍ର ଯୋଗଦାନ କରି ଏପରି ଉଦ୍ୟମକୁ ପ୍ରଂଶସା କରି କହିଲେ ଆମେ ରାସାୟନିକ ସାର ବ୍ୟବହାର ନକରି ଜୈବିକ ଖତ ପ୍ରସ୍ତୁତ କରି ଆମେ ଚାଷ କରିବା ଉଚିତ ନଚେତ ଖୁବ୍ କମ୍ ବୟସରେ ଆମେ ବିଭିନ୍ନ ରୋଗ ବ୍ୟାଧିକୁ ସାମ୍ନା କରିବାକୁ ପଡ଼ିବ ।





# ନିର୍ମାଣ ଶ୍ରମିକ ପିଲାଙ୍କ ସ୍ୱାସ୍ଥ୍ୟ

ଡ଼ା: ଦ୍ୱିଜେଶ କୁମାର ପଣ୍ଡା,
ଏମ.ଡ଼ି., ପିଏଚ୍‌ଡ଼ି, (ମେଡ଼ିସିନ),
ନିଦାନ ଓ ଫାଇଲେରିଆ ବିଶେଷଜ୍ଞ,

ଅପପୁଷ୍ଟି ନିର୍ମାଣ ଶ୍ରମିକ ପିଲାଙ୍କର ମୁଖ୍ୟ ସମସ୍ୟା । ହୃଷ୍ଟପୁଷ୍ଟ ପିଲାଟିଏ ଶ୍ରମିକ ବସ୍ତିରେ ବିରଳ । ଆର୍ଥିକ ଅନାଟନ ଏହାର ଏକମାତ୍ର କାରଣ ନୁହେଁ । ପୁଷ୍ଟିକାରକ ଖାଦ୍ୟ ବିଷୟରେ ପିତାମାତା ଅନଭିଜ୍ଞ, ଅସ୍ୱାସ୍ଥ୍ୟକର ପରିବେଶ, ଦୂଷିତ ପିଇବା ପାଣି ଜୀବାଣୁ ଭୂତାଣୁ ସଂକ୍ରମିତ ଖାଦ୍ୟ ଏବଂ ଉପଯୁକ୍ତ ଶିକ୍ଷାର ଅଭାବ ଶିଶୁମାନଙ୍କୁ ରୁଗ୍ଣ କରିଦିଏ । ଶ୍ରମିକମାନଙ୍କୁ କେବଳ ଅଧିକ ଆର୍ଥିକ ସହାୟତା ଦେଲେ ଶିଶୁମାନେ ସୁସ୍ଥ ରହି ପାରିବେ ନାହିଁ । ଏଥିପାଇଁ ସାମଗ୍ରିକ ପ୍ରଚେଷ୍ଟା ଆବଶ୍ୟକ ।

ପ୍ରତ୍ୟେକ ଶିଶୁ ସୁଷମ ଖାଦ୍ୟ ଖାଇବା ଉଚିତ । ଏଥିରେ ଶ୍ୱେତସାର, ପ୍ରୋଟିନ, ବର୍ବ, ଭିଟାମିନ ଓ ଧାତବ ସନ୍ତୁଳିତ ପରିମାଣରେ ରହିବା ଉଚିତ । ଏହାର ଅଭାବରେ ଉଚ୍ଚତା କମ ହୁଏ, ଦେହ ପତଳା ଦେଖାଯାଏ, ଦୁର୍ବଳ ଅନୁଭୂତ ହୁଏ, ଗୋଡ଼ ଓ ପେଟ ଫୁଲା ରହେ । ଅପପୁଷ୍ଟି ଦୁଇ ପ୍ରକାର । ମାରାସମସ ଓ କ୍ୱାଶିଓର୍କଟ । ମାରାସମସରେ ପ୍ରୋଟିନ ଓ କାର୍ବୋହାଇଡ୍ରେଡ଼ ଅଭାବ ରହେ । କ୍ୱାଶିଓର୍କଟରେ କେବଳ ପ୍ରେଟିନ ଅଭାବ ଥାଏ । ଏହା ସହିତ ଲୌହ ଅଭାବରେ ରକ୍ତହିନତା ହୁଏ । ଆୟୋଡ଼ିନ ଅଭାବରେ ଥାଇରଏଡ଼ ଗ୍ରନ୍ଥିରେ ଗଏରେଓ ଭିଟାମିନ 'କ' ଅଭାବରେ ଅନ୍ଧାରକଣା ହୁଏ । ଭିଟାମିନ 'ସି' ଅଭାବରେ ସ୍କଭି ହୁଏ । ଭିଟାମିନ 'ଡ଼ି' ଅଭାବ ହେଲେ ରିକେଟ ହୁଏ । ସ୍କର୍ଭିରେ ଦାନ୍ତ ମୂଳ ଫୁଲି ରକ୍ତ ବାହାରେ । ରିକେଟ୍‌ରେ ଗୋଡ଼ର ହାଡ଼ ବଙ୍କା ହୋଇଯାଏ । ଆଣ୍ଠୁ ଲାଗିଯାଏ । ଉଚ୍ଚତା କମ ହୁଏ ।

ପୁଷ୍ଟିନିନତାର କାରଣଗୁଡ଼ିକ ହେଉଛି ଦାରିଦ୍ର, ଖାଦ୍ୟର ଅତ୍ୟଧିକ ମୂଲ୍ୟବୃଦ୍ଧି, ବଜାରରେ ଉପଲବ୍ଧ ଅଖାଦ୍ୟ, ବିଷାକ୍ତ ରାସାୟନ ମିଶ୍ରିତ ଫଳ, ପରିବା, ମାଛ, ମାଂସ ଓ ଅଣ୍ଡା । ଶ୍ରମିକମାନଙ୍କର ପିଲାମାନେ ବସ୍ତିରେ ରହନ୍ତି । ବସ୍ତିର ପରିବେଶ ଅସ୍ୱାସ୍ଥ୍ୟକର । ପିଇବା ପାଣି ଦୂଷିତ ଓ ଜୀବାଣୁ-ଭୂତାଣୁ ସଂକ୍ରକିତ, ଶୋଇବା ବଖରାରେ ବାୟୁ ସଂଚାଳନ ହୋଇପାରେ ନାହିଁ । ଅନେକ ବ୍ୟକ୍ତି ଗୋଟିଏ ରୁମ୍‌ରେ ଶୋଇବା ଫଳରେ ଅକ୍ସିଜେନ ବଦଳରେ ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ ଆଘ୍ରାଣ କରନ୍ତି । ତେଣୁ ଶ୍ୱାସ ରୋଗରେ ଆକ୍ରାନ୍ତ ହୁଅନ୍ତି । ଖାଲି ପାଦରେ ଚାଲି ଚଳନ କରିବାରେ ହୁକଓ୍ୱର୍ମ ରୋଗରେ ପଡ଼ନ୍ତି । ସ୍ୱାସ୍ଥ୍ୟକର ପଦ୍ଧତି ଜାଣି ନଥିବାରୁ ପରଜୀବୀ ସଂକ୍ରମଣ ରୋଗର ଶିକାର ହୁଅନ୍ତି । ପେଟରେ କେଞ୍ଚୁଆ ହୁଏ । ପିଇବା ପାଣି ମଳ ସଂସ୍ପର୍ଶରେ ଆସୁଥିବାରୁ ଜଣ୍ଡିସ ଓ ଛାଡ଼ା ବାନ୍ତି ରୋଗ ହୁଏ । ବସ୍ତିରେ ଆର୍ବଜନା ଓ ମଇଳା ପାଣି ଜମି ରହୁଥିବାରୁ ବିଭିନ୍ନ ମଶା ଡ଼ିମ୍ବ ଦେଇ ବଂଶବୃଦ୍ଧି କରନ୍ତି । ମଶା ବାହକ ରୋଗ, ମେଲେରିଆ, ଫାଇଲେରିଆ, ଡେଙ୍ଗୁ, ଚିକୁନଗୁନିଆ, ସଂକ୍ରମଣ ହୁଏ । ଫାଇଲେରିଆ ରୋଗର ପରଜୀବୀ ଶିଶୁ ବୟସରଙ୍କ ଶରୀରରେ ପ୍ରବେଶ କରେ । ୫ ରୁ ୮ ବର୍ଷ ପରେ ରୋଗର ନିଦାନ ପ୍ରକାଶ ପାଏ । ଯୁବକମାନଙ୍କର ଗୋଡ଼ ଗୋଦର ହୋଇ ସାରା ଜୀବନ ପାଇଁ ନିକମା ହୋଇଯାଆନ୍ତି । ନିର୍ମାଣ ଶ୍ରମିକ ହେବାର ସୁଯୋଗ ହରାନ୍ତି । ପରିବାର ଉପରେ ବୋଝ ହୋଇ ପଡ଼ନ୍ତି ।

ସ୍ୱାସ୍ଥ୍ୟ ସହିତ ଶିକ୍ଷା ଓତପ୍ରେତ ଭାବରେ ଜଡ଼ିତ । ଉପଯୁକ୍ତ ଶିକ୍ଷା ଅଭାବରେ ସ୍ୱାସ୍ଥ୍ୟ ବିଷୟରେ ଶିକ୍ଷା ଲାଭ କରିପାରନ୍ତି ନାହିଁ । ତେଣୁ ସେମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ଆବଶ୍ୟକ । ଶ୍ରମିକର ପୁଅ ନିଜର ବୁଦ୍ଧି ଓ ଜ୍ଞାନ ବଳରେ ସମାଜରେ ପ୍ରତିଷ୍ଠା ଲାଭ କରି ପାରିବ । ବିଶିଷ୍ଟ ବୈଜ୍ଞାନିକ ହୋଇ ପାରିବ । ସେଥିପାଇଁ ଉତ୍ତମ ସ୍ୱାସ୍ଥ୍ୟ ଅନିବାର୍ଯ୍ୟ । ପିଲା ଦିନରେ ରୋଗାକ୍ରାନ୍ତ ହେଲେ ଶରୀରର ମସ୍ତିସ୍କର ସମୃଦ୍ଧି ହୋଇ ପାରିବ ନାହିଁ । ଧିଶକ୍ତି କମିଯିବ । ବଂଶଗତ ଜିନକୁ ନେଇ ରୁଗ୍ଣ ଶରୀର ପ୍ରଚଳିତ ପ୍ରତିଯୋଗିତାର ସମ୍ମୁଖୀନ ହେବା କଷ୍ଟ ହେବ ।

ବସ୍ତିରେ ରହୁଥିବା ଶିଶୁ ଅସାମାଜିକ ବ୍ୟକ୍ତିଙ୍କର ସଂସ୍ପର୍ଶରେ ଆସି ମାଦକ ଦ୍ରବ୍ୟ, ସିଗାରେଟ, ମଦ, ଡ଼େଣ୍ଡ୍ରାଇଟ ଦ୍ୱାରା ନିଶାଗ୍ରସ୍ତ ହୁଅନ୍ତି । ନିଶା କବଳିତ ହେଲେ ଦେହ ରୋଗାକ୍ରାନ୍ତ ହୁଏ ଓ ମନ ବିଚଳିତ ହୁଏ । କୌଣସି କାର୍ଯ୍ୟ କରିବାକୁ ଇଛା ହୁଏ ନାହିଁ । ଦୁଷ୍କର୍ମ ଓ ଅପରାଧ ସେମାନଙ୍କର ମୌଳିକ ଧର୍ମ ହୁଏ । ପ୍ରଶାସନ ପାଇଁ ଅପରାଧ ନିୟନ୍ତ୍ରଣ କଷ୍ଟକର ହୁଏ । ନିର୍ମାଣ ଶ୍ରମିକମାନଙ୍କର ପିଲାମାନେ ବିପଥଗାମୀ ନହୋଇ ସମାଜର ମୂଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ । ସୁସ୍ୱାସ୍ଥ୍ୟ ଓ ଉଚ୍ଚଶିକ୍ଷା ଲାଭ କରି ଦେଶର ଓ ତାଙ୍କର ପରିବାରର ମଙ୍ଗଳ କରନ୍ତୁ ।

୧୨, ଆଶ୍ଚାର୍ଯ୍ୟ ବିହାର, ଭୁବନେଶ୍ୱର

# ଧରମା ପ୍ରତିଷ୍ଠାନ ପକ୍ଷରୁ ନବୋଦୟ ବିଦ୍ୟାଳୟ ଝାରସୁଗୁଡ଼ାରେ ନିର୍ମାଣ ଶ୍ରମିକ ଛାତ୍ର ବୃତ୍ତି ସମ୍ପର୍କରେ ସଚେତନତା ସଭା

ଗତ ୨୯ ଜୁଲାଇ ୨୦୧୮ ନବୋଦୟ ବିଦ୍ୟାଳୟରେ ଶ୍ରୀ ରକ୍ଷାକର ଅନୁପମଙ୍କ ଅଧକ୍ଷତାରେ ନିର୍ମାଣ ଶ୍ରମିକ ପିଲାମାନଙ୍କୁ ଦିଆଯାଉଥିବା ଛାତ୍ରବୃତ୍ତି ସମ୍ପର୍କରେ ସଚେତନତା ସଭା କରାଯାଇଥିଲା । ଏହି ସଭାରେ ନବୋଦୟ ବିଦ୍ୟାଳୟର ଅଧକ୍ଷା ଶ୍ରୀମତି ଦକ୍ଷ ଜ୍ୟୋତି ମିଶ୍ର, ଟାଇକୁଣ୍ଡର ସଭାପତି ଶ୍ରୀ ସୁନ୍ଦରମଣି ପଟେଲ, ଚୈତନ୍ୟ ସାଓ, ଚେରୁମଣି କାଲୋ ଉପସ୍ଥିତ ଥିଲେ । ଛାତ୍ର ଛାତ୍ରୀ ମାନଙ୍କୁ ନିର୍ମାଣ ଶ୍ରମିକ ଆଇନ ବଷୟରେ ବୁଝାଯାଇଥିଲା । ଯେଉଁ ପିଲାମାନଙ୍କର ବାପା ମାଆ ନିର୍ମାଣ ଶ୍ରମିକ ଅଟନ୍ତି । ସେମାନଙ୍କ ନାମ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକରଣ କଲେ ତାଙ୍କର ପିଲାମାନେ ଛାତ୍ରବୃତ୍ତି ପାଇବା ସହିତ ନିର୍ମାଣ ଶ୍ରମିକ ଆଇନରେ ଥିବା ଅନ୍ୟ ସୁବିଧା ସୁଯୋଗ ପାଇପାରିବେ । ୧୫ ଜଣ ଛାତ୍ର ଛାତ୍ରୀମାନେ ସ୍ୱ ଇଛାରେ ଆସି ଭୋଲେନଟିୟର ହେବା ପାଇଁ ନିଜର ନାମ ଦେଇଥିଲେ । ଶେଷରେ ଶ୍ରୀ ସୁନ୍ଦରମଣି ପଟେଲ ଧନ୍ୟବାଦ ଦେଇଥିଲେ ।






# ଧରମା ଫାଉଣ୍ଡେସନ ଉଦ୍ୟମରେ ନିର୍ମାଣ ଶ୍ରମିକଙ୍କ ପିଲାଙ୍କୁ ଛାତ୍ରବୃତ୍ତି ସହାୟତା



ମୁଁ ଧର୍ମେନ୍ଦ୍ର କିସାନ ବେଦଙ୍ଗ ଇଞ୍ଜିନିୟରିଙ୍ଗ କଲେଜ ଭୂବନେଶ୍ୱର ବି.ଟେକ୍‌ର ଦ୍ୱିତୀୟ ବର୍ଷ ଛାତ୍ର । ମୋର ମାତା ପିତା ନିର୍ମାଣ ଶ୍ରମିକ କାମ କରି ଆମ ପରିବାର ଚଳାନ୍ତି । ମୁଁ ଯେତେବେଳେ ବି.ଟେକ୍ ପଢିବା ପାଇଁ ବାପା ମାଁ ଙ୍କୁ କହିଲି ଅର୍ଥ ଅଭାବରୁ ପଢେଇବା ପାଇଁ ମନା କଲେ । ମୁଁ ୨୦୧୭ ରେ ଧରମା ଫାଉଣ୍ଡେସନରେ ସଦସ୍ୟତା ନେଲି ଏବଂ ସେଠି ଜାଣିବାକୁ ପାଇଲି ଯେ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇଥିବା ଶ୍ରମିକଙ୍କ ପିଲାଙ୍କ ବି. ଟେକ୍ ପଢିବା ପାଇଁ ଛାତ୍ରବୃତ୍ତି ଟ. ୪୦,୦୦୦(ଚାଳିଶ ହଜାର ) ର ସହାୟତା ରାଶି ଅଛି ଜାଣି ବହୁତ ଖୁସି ହେଲି ଓ ବାପା ମାଁଙ୍କୁ ଜଣେଇଲି ତାପରେ ସେମାନେ ରାଜି ହେଲା ପରେ ବି.ଟେକ୍ ରେ ନାମ ଲେଖେଇଲି । ଧରମା ଫାଉଣ୍ଡେସନର ଉଦ୍ୟମରେ ପ୍ରଥମ ବର୍ଷ ବି.ଟେକ୍ ର ମୋ ମାଁ ଙ୍କ ପରିଚୟପତ୍ରରେ ଟ ୪୦,୦୦୦ ଛାତ୍ରବୃତ୍ତି ସହାୟତା ରାଶି ମିଳିଲା । ଏହି ଅର୍ଥ ଦ୍ୱିତୀୟ ବର୍ଷ ରେ ପାଠ ପଢିବା ପାଇଁ ମୋ ମନୋବଳକୁ ବଢେଇଲା । ମୁଁ ସେଥିପାଇଁ ଧରମା ଫାଉଣ୍ଡେସନକୁ କୃତଜ୍ଞତା ସହିତ ଧନ୍ୟବାଦ ଜଣାଉଛି ।



ମୁଁ ଭିଷ୍ଣୁଦେବ ଧୁରୁଆ, ପିତା ଚନ୍ଦ୍ରଭାନୁ ଧୁରୁଆ, କଲେଜରେ +୨ ପଢୁଅଛି । ମୋ ବାପା ଜଣେ ନିର୍ମାଣ ଶ୍ରମିକ(ମାର୍ବଲ ମିସ୍ତ୍ରୀ) । ନିର୍ମାଣ ଶ୍ରମିକ ଆଇନରୁ ଧରମା ଫାଉଣ୍ଡେସନ ଉଦ୍ୟମରେ ଛାତ୍ରବୃତ୍ତି ପାଇଲି । ମୁଁ ସେଥିପାଇଁ ଧରମା ଫାଉଣ୍ଡେସନକୁ ଧନ୍ୟବାଦ ଜଣାଉଛି ।



ମୁଁ ପ୍ରେମାନନ୍ଦ ଘାଷି, ଗ୍ରାମ ଝାରମୁଣ୍ଡା, ମୁଁ କିର୍ମିରା କଲେଜରେ ପଢୁଅଛି । ମୋ ବାପା ନିର୍ମାଣ ଶ୍ରମିକ ଅଟନ୍ତି, ନିର୍ମାଣ ଶ୍ରମିକ ପରିଚୟପତ୍ର କରିଥିବାରୁ ଧରମା ଫାଉଣ୍ଡେସନର ଉଦ୍ୟମରେ ମୁଁ ନିର୍ମାଣ ଶ୍ରମିକ ଆଇନରୁ ଶିକ୍ଷା ବୃତ୍ତି ସହାୟତା ପାଇ ପାରିଲି । ମୁଁ ସେଥିପାଇଁ ଧରମା ଫାଉଣ୍ଡେସନକୁ କୃତଜ୍ଞତା ଜଣାଉଛି ।



ମୁଁ ପୁଷ୍ପଲତା ସା, ପିତା ବଳରାମ ସା, ଗ୍ରାମ ଝାରମୁଣ୍ଡା, ଏସ୍.ଏମ୍.ପି ଡ଼ିଗ୍ରୀ କଲେଜ, କିର୍ମିରା ରେ ପଢୁଅଛି । ମୋ ବାପା ନିର୍ମାଣ ଶ୍ରମିକ ପରିଚୟପତ୍ର କରିଥିବାରୁ ମୁଁ ଧରମା ଫାଉଣ୍ଡେସନର ଉଦ୍ୟମରେ ଶିକ୍ଷା ବୃତ୍ତି ସହାୟତା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ରୁ ପାଇଅଛି । ମୁଁ ସେଥିପାଇଁ ଧରମା ଫାଉଣ୍ଡେସନକୁ ଧନ୍ୟବାଦ ଜଣାଉଛି ।



ମୁଁ ଦୀପ୍ତି ଭୋଇ, ପି.କେ.ଏସ୍.ଏସ୍ କଲେଜ ଏଚ୍.କଟାପାଲିର ଯୁକ୍ତ ୩ର ଦ୍ୱିତୀୟ ବର୍ଷ ଛାତ୍ରୀ ମୋ ବିଧବା ମାଁ ରେଜା କାମ କରି ଆମ ପରିବାର ଚଳାନ୍ତି । ଯୁକ୍ତ୨ ସାରିଲା ପରେ ମୋତେ ଆଗକୁ ଆଉ ପଢେଇବା ପାଇଁ ସକ୍ଷମ ନ ଥିଲେ । ଧରମା ଫାଉଣ୍ଡେସନରେ ମୁଁ ଯୋଗ ଦେଲାପରେ ନିର୍ମାଣ ଶ୍ରମିକ ପିଲାଙ୍କର ଛାତ୍ର ଛାତ୍ରୀ ଶିକ୍ଷା ବୃତ୍ତି ସଂପର୍କରେ ଅବଗତ ହେଲି ଓ ଯୁକ୍ତ ୩ ରେ ନାମ ଲେଖେଇଲି । ମୋ ମାଁ ଙ୍କର ନିର୍ମାଣ ଶ୍ରମିକ ପରିଚୟ ପତ୍ର ଥିବାରୁ ଶିକ୍ଷାବୃତ୍ତି ପାଇଁ ଦରଖାସ୍ତ ଆବେଦନ କରି ଧରମା ଫାଉଣ୍ଡେସନ ଉଦ୍ୟମରେ ଶିକ୍ଷାବୃତ୍ତି ପାଇ ପାରିଲି ଯାହାକି ମୋତେ ଆଗକୁ ପଢିବା ପାଇଁ ସହାୟକ ହେଲା । ସେଥିପାଇଁ ଧରମା ଫାଉଣ୍ଡେସନକୁ ଧନ୍ୟବାଦ ଜାଣେଇବା ସହିତ କୃତଜ୍ଞତା ଜଣାଉଛି ।




ମୁଁ ମନିଷ ମହାନ୍ତି ମୋ ସାନ ଭାଇ ମାନସ ମହାନ୍ତି ଉଭୟେ କଲେଜରେ ନାମ ଲେଖେଇଛୁ ହେଲେ ଆମ ବାପା ଶ୍ରୀ ଭଜହରୀ ମହାନ୍ତି ଜଣେ ରାଜମିସ୍ତ୍ରୀ କାମ କରି ପରିବାର ପ୍ରତିପୋଷଣ କରନ୍ତି । ଦୁଇ ଜଣଙ୍କୁ ଏକା ସାଙ୍ଗରେ କଲେଜ ରେ ପାଠ ପଢେଇବା ପାଇଁ ସକ୍ଷମ ହଉ ନଥିଲେ । ଧରମା ଫାଉଣ୍ଡେସନର ଉଦ୍ୟମରେ ଆମ ଦୁଇ ଜଣଙ୍କର ଛାତ୍ରବୃତ୍ତି ପାଇଥିବାରୁ ଆହୁରି ଆଗକୁ ପଢିବା ପାଇଁ ସକ୍ଷମ ହେଲୁ ତେଣୁ ହୃଦୟର ସହିତ ଧରମା ଫାଉଣ୍ଡେସନକୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଜ୍ଞାପନ କରୁଛୁ ।



ମୁଁ ପ୍ରତିମ ରଜକ, ପିତା ଗୋକୁଳ ରଜକ, ଗ୍ରାମ ବେହେରାମାଳ, ସିଏମ୍ ରମଣ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନସ୍ ଏବଂ ଟେକ୍‌ନୋଲୋଜି କୋଟା, ବିଲାସପୁରରେ ବିଏସ୍‌ସି ପଢୁଅଛି । ମୋ ବାପା ନିର୍ମାଣ ଶ୍ରମିକ ପରିଚୟପତ୍ର କରିଥିବାରୁ ମୁଁ ଶିକ୍ଷାବୃତ୍ତି ଅର୍ଥ ଧରମା ଫାଉଣ୍ଡେଣ୍ଡେସନର ଉଦ୍ୟମରେ ପାଇ ପାରିଲି । ମୁଁ ଧରମା ଫାଉଣ୍ଡେସନକୁ ଧନ୍ୟବାଦ ଜଣାଉଛି ।



ମୁଁ କବିତା କୁତ୍ରି, ମାତା କମଳିନି କୁତ୍ରି, ଗ୍ରାମ ପଞ୍ଚପଡ଼ା ମହିଳା ମହାବିଦ୍ୟାଳୟରେ +୨ ମୋ ବାପା ମାଁ ଦୁଇଜଣ ନିର୍ମାଣ ଶ୍ରମିକ ପରିଚୟପତ୍ର କରିଥିବାରୁ ଧରମା ଫାଉଣ୍ଡେସନର ଉଦ୍ୟମରେ ଛାତ୍ର ବୃତ୍ତି ଅର୍ଥ ପାଇପାରିଲି । ମୁଁ ଧରମା ଫାଉଣ୍ଡେସନକୁ କୃତଜ୍ଞତା ଜ୍ଞାପନ କରୁଛି ।



ମୁଁ ଜିତେନ୍ଦ୍ର ଧୁରୁଆ, ଝାରସୁଗୁଡା ଏଲ୍,ଏନ୍, କଲେଜର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର । ମୋର ମାଁ ଦୀନ ମଜୁରିଆ ଭାବରେ ନିର୍ମାଣ କ୍ଷେତ୍ରରେ କାମ କରନ୍ତି ଓ ନିର୍ମାଣ ଶ୍ରମିକ ପରିଚୟ ପତ୍ର ମଧ୍ୟ ପାଇଛନ୍ତି । ବହୁତ କଷ୍ଟରେ ଯୁକ୍ତ୨ ପାଠ ପଢିଲି । ଯୁକ୍ତ୩ ରେ ପଢେଇବା ପାଇଁ ଘରେ ମନା କଲେ । ମୋର ପଢିବା ପାଇଁ ବହୁତ ଆଗ୍ରହ ଥିଲା ମୁଁ ଝାରସୁଗୁଡା ର ଗୋଟେ ସପିଙ୍ଗମଲ ରେ କାମକରି ଯୁକ୍ତ ୩ ରେ ନାମ ଲେଖେଇଲି । ତା ପରେ ଧରମା ଫାଉଣ୍ଡେସନ ବିଷୟରେ ଜାଣିବାକୁ ପାଇଲି ଓ ଧରମା ଫାଉଣ୍ଡେସନର ଜଣେ ସଭ୍ୟ ହେଲି । ଧରମାର ବିଭିନ୍ନ ମିଟିଙ୍ଗ ରେ ଯୋଗ ଦେଇ ଛାତ୍ରବୃତ୍ତି ବିଷୟରେ ଜାଣି ମୋ ବାପାଙ୍କ ପରିଚୟ ପତ୍ରରେ ଦରଖାସ୍ତ ଆବେଦନ କରି ଯୁକ୍ତ୩ ପ୍ରଥମ ବର୍ଷରେ ଟ. ୭,୦୦୦ ଛାତ୍ରବୃତ୍ତି ସହାୟତା ରାଶି ମିଳିଲା ଯାହାକି ଦ୍ୱିତୀୟ ବର୍ଷରେ ପଢିବା ପାଇଁ ମୋ ଆଗ୍ରହକୁ ଦ୍ୱିଗୁଣିତ କଲା । ମୋ ପାଠ ପଢିବା ରେ ସହାୟକ ହୋଇଥିବାରୁ ମୁଁ ଧରମା ଫାଉଣ୍ଡେସନକୁ ଆନ୍ତରିକ କୃତଜ୍ଞତା ଜଣାଉଛି ।



ମୁଁ ସଚିନ ଖର୍ସେଲ, ପିତା ବିଜୟ ଖର୍ସେଲ, ଗ୍ରାମ କଟାପାଲି, ଏସ୍.ଏସ୍. କଲେଜ, ତାଲପଟିଆ ଠାରେ +୨ ପଢୁଅଛି । ମୋ ବାପା ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇଥିବାରୁ ମୁଁ ଧରମା ଫାଉଣ୍ଡସନର ଉଦ୍ୟମରେ ଶିକ୍ଷା ବୃତ୍ତି ଅର୍ଥ ସହାୟତା ପାଇପାରିଲି । ମୁଁ ସେଥିପାଇଁ ଧରମା ଫାଉଣ୍ଡେସନକୁ କୃତଜ୍ଞତା ଜଣାଉଛି ।



ମୁଁ ପୂର୍ଣ୍ଣିମା ସା, ପିତା ଅର୍ଜୁନ ସା, ଗ୍ରାମ ଝାରମୁଣ୍ଡା ଏସ୍‌ଏମ୍‌ପି ଡ଼ିଗ୍ରୀ କଲେଜ କିର୍ମିରା ଠାରେ ପଢୁଅଛି । ମୁଁ ଧରମା ଫାଉଣ୍ଡସନର ଉଦ୍ୟମରେ ଶିକ୍ଷା ବୃତ୍ତି ଅର୍ଥ ସହାୟତା ପାଇପାରିଲି । ମୁଁ ଧରମା ଫାଉଣ୍ଡେସନକୁ ଧନ୍ୟବାଦ ଜଣାଉଛି ।



ମୁଁ ପ୍ରଦ୍ୟୁମ୍ନ ସା, ପିତା ବଳରାମ ସା, ବାମରା ଟ୍ରଷ୍ଟ ଫଣ୍ଡ କଲେଜରରେ ପଢୁଅଛି । ମୁଁ ଧରମା ଫାଉଣ୍ଡସନର ଉଦ୍ୟମରେ ଶିକ୍ଷା ବୃତ୍ତି ଅର୍ଥ ସହାୟତା ପାଇପାରିଲି । ମୁଁ ଧରମା ଫାଉଣ୍ଡେସନକୁ କୃତଜ୍ଞତା ଜଣାଉଛି ।



ମୁଁ ହେମାନନ୍ଦ କିସାନ, ପିତା ରାଜମଣି କିସାନ, ଗ୍ରାମ କଦୋମାଲ, ଡ଼ିଏସ୍ କଲେଜ ଲାଇଡ଼ା ଠାରେ ପଢୁଅଛି । ମୁଁ ଧରମା ଫାଉଣ୍ଡସନର ଉଦ୍ୟମରେ ଶିକ୍ଷା ବୃତ୍ତି ଅର୍ଥ ସହାୟତା ପାଇପାରିଲି । ମୁଁ ସେଥିପାଇଁ ଧରମା ଫାଉଣ୍ଡେସନକୁ ଧନ୍ୟବାଦ ଜଣାଉଛି ।

**ଧରମା ଫାଉଣ୍ଡେସନ ଉଦ୍ୟମରେ ଝାରସୁଗୁଡ଼ା ଜିଲ୍ଲାରେ ୨୦୧୭-୧୮ ମସିହାରେ ୭୧୪ ଜଣ ଛାତ୍ର ଛାତ୍ରୀଙ୍କୁ ଟ. ୫୩,୬୦,୦୦୦ ଶିକ୍ଷାବୃତ୍ତି ସହାୟତା ପାଇଛନ୍ତି ।**

# କୋରାପୁଟ ଜିଲ୍ଲାରେ ଶିକ୍ଷାର ସ୍ଥିତି ଓ ଦୁଃସ୍ଥିତି

ଈଶ୍ୱର କୁମାର ଲେଙ୍କା

ବର୍ତ୍ତମାନ ସମାଜରେ ଯେଉଁ ସବୁ ସମସ୍ୟା ଦେଖାଦେଉଛି, ତାହା ନାନା ଋଷିମାନଙ୍କର ନାନା ମତ ପରି । ଯେପରି ଧର୍ମ ପ୍ରଚାରକମାନଙ୍କ ମତରେ ସମାଜରେ ଧାର୍ମିକ ସମସ୍ୟା ଉତ୍କଟ । ମାର୍କ୍ସବାଦୀମାନେ ବିଶ୍ୱାସ କରନ୍ତି ଦ୍ୱନ୍ଦାତ୍ମକ ବସ୍ତୁବାଦର ବିକାଶରେ ଅସୁବିଧା, ସମାଜରେ ଯୌନ ସମସ୍ୟା ଉତ୍କଟ ଯେପରି ଫ୍ରଏଡ଼ ବିଶ୍ୱାସ କରନ୍ତି, କିନ୍ତୁ ବାସ୍ତବରେ ସମସ୍ୟାଟା ତାହା ନୁହେଁ । ଅସଲି ସମସ୍ୟା ହେଉଛି ସମାଜରେ ଶିକ୍ଷାର ସମସ୍ୟା । ଏହି ସମସ୍ୟାକୁ ସମସ୍ତ ଶିକ୍ଷାବିତ୍, ପ୍ରଶାସକ ଏବଂ ଆଇନ ପ୍ରଣୟନକାରୀ ବିଶ୍ୱାସ କରନ୍ତି ଭାରତ ବର୍ଷରେ ଶିକ୍ଷା ଏକ ନୂତନ ବିଷୟବସ୍ତୁ ନୁହେଁ । କେଉଁ ଆବାହନ କାଳରୁ ଶିକ୍ଷାର ପ୍ରସାର ପ୍ରଚାର ଘଟି ଚାଲିଛି । କିନ୍ତୁ ତା'ର ଅସଲି ଉଦ୍ଦେଶ୍ୟ ଏ ପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ ।

ସାଂପ୍ରତିକ ସମୟରେ ଆମେ ଯେଉଁ ଶିକ୍ଷା କଥା କହୁଛୁ ତାହା ବିଦ୍ୟାଳୟର ଚାରିକାନ୍ଥ ମଧ୍ୟରେ ସୀମିତ । ଯେତେବେଳେ ବିଦ୍ୟାଳୟର ଉତ୍ପତ୍ତି ହୋଇନଥିଲା, ସେତେବେଳେ ଗ୍ରୀସ୍ ଦେଶର ଲୋକମାନେ ଏକ ନିର୍ଦ୍ଦିଷ୍ଟ ଜାଗାରେ ବସି ସମାଜର ଚାଲିଚଳଣ, ରୀତିନୀତି ସମ୍ବନ୍ଧରେ ଆଲୋଚନା କରୁଥିଲେ । ସେମାନେ ସେମାନଙ୍କର ଅବସର ସମୟକୁ ସମାଜର ହିତସାଧନ ନିମନ୍ତେ ଚିନ୍ତା କରୁଥିଲେ । କାଳକ୍ରମେ ସେହି ସ୍ଥାନଟି ପରବର୍ତ୍ତି ସମୟରେ ବିଦ୍ୟାଳୟର ଆଖ୍ୟା ନେଲା । ଯାହା ଆଜି ସମଗ୍ର ମାନବ ସମାଜରେ ଆଦୃତ ହୋଇପାରିଛି । ଏକଥାକୁ ବାଦ ଦେଲେ ମଧ୍ୟ ଯଦିଓ ଆମେ ବୈଦିକ ଯୁଗର କଥାକୁ ଆଲୋଚନାର ପରିସରଭୁକ୍ତ କରିବା ତେବେ ଗୁରୁକୂଳ ଆଶ୍ରମର ଶିକ୍ଷା ପ୍ରଦାନ କରାଯାଉଥିଲା । ସେତେବେଳର ଶିକ୍ଷାର ଅନ୍ତିମ ଲକ୍ଷ୍ୟ ମଧ୍ୟ ଆଜିର ଶିକ୍ଷାର ଲକ୍ଷ୍ୟ ଭଳି ଛାତ୍ରର ସର୍ବାଙ୍ଗୀନ ବିକାଶ ଥିଲା । ସେଠାରେ ଯେଉଁମାନେ ଅଧ୍ୟୟନ କରୁଥିଲେ ଜଣେ ସ୍ୱୟଂସମ୍ପୂର୍ଣ୍ଣ ମନୁଷ୍ୟ ବୋଲି ବିବେଚିତ ହୋଇଥିଲେ ଯାହାକି ଆଜିର ଶିକ୍ଷା ବ୍ୟବସ୍ଥାରେ ଯଦିଓ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଉଲ୍ଲେଖ କରାଯାଇଛି କିନ୍ତୁ ପ୍ରାୟୋଗିକ ଦୃଷ୍ଟି କୋଣରୁ ସଂପୂର୍ଣ୍ଣ ଭିନ୍ନ ।

ଭାରତ ହେଉଛି ବିଭିନ୍ନ ଭାଷା, ସଂସ୍କୃତି, ଧର୍ମ ଏବଂ ସଂପ୍ରଦାୟରେ ପରିପୂର୍ଣ୍ଣ । ଯଦି ଆହୁରି ତଳକୁ ଯିବା ଦେଖିବା ଏହି ଭାରତବର୍ଷ ପକ୍ଷରେ ବିଭିନ୍ନ ଜାତି ଓ ଉପଜାତିର ଲୋକମାନେ ବସବାସ କରିଥାନ୍ତି । ଉପରୋକ୍ତ ଦିଗଗୁଡ଼ିକୁ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ ଆମ ଦେଶର ହରିଜନ (ଯାହାକୁ ଏବେ ଦଳିତ ଆଖ୍ୟା ଦିଆଯାଉଛି) ଓ ଆଦିବାସୀମାନେ ପଛୁଆ ଅଟନ୍ତି । ଏମାନଙ୍କ ବିକାଶ ନିମନ୍ତେ ଭାରତୀୟ ସମ୍ବିଧାନରେ କେତେକ ବ୍ୟବସ୍ଥା କରାଯାଇଛି ।

**ସାମ୍ବିଧାନିକ ବ୍ୟବସ୍ଥା:** ଭାରତୀୟ ସମ୍ବିଧାନର ୧୭ ଧାରା ଅନୁସାରେ ଅସ୍ପୃଶ୍ୟତାପୂର୍ଣ୍ଣ ଲୋପ ଏବଂ ଏହାର ବ୍ୟବହାର ପୂର୍ଣ୍ଣ ନିବାରଣ ଆମ ଦେଶରେ କରାଯାଇଛି । ସମ୍ବିଧାନର ୪୫ ଧାରାରେ ଉଦ୍ଦିଷ୍ଟ ଯେ ସ୍ୱାଧୀନତା ପ୍ରାପ୍ତିର ୧୦ ବର୍ଷ ମଧ୍ୟରେ ୬ ରୁ ୧୪ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କୁ ଅବୈତନିକ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦେବା ରାଜ୍ୟର କର୍ତ୍ତବ୍ୟ ଅଟେ । ଆମ ଦେଶର ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ଦିନ କାର୍ଯ୍ୟକାରୀ ହେଲା । ଅର୍ଥାତ୍ ୧୯୬୦ ମସିହା ସୁଦ୍ଧା ଏହି ଲକ୍ଷ୍ୟ ପୂରଣ କରାଯିବ । ସ୍ୱାଧୀନତା ସମୟରେ ସ୍ୱାକ୍ଷରତା ହାର ୧୪ ଶତାଂଶ ଥିବା ବେଳେ ୨୦୧୮ ମସିହାରେ ତାହା ୭୪% ରେ ପହଞ୍ଚିଅଛି । ଦେଶର ୭୨ ତମ ସ୍ୱାଧୀନତା ପାଳନ କରିବାକୁ ଯାଉଅଛୁ । କିନ୍ତୁ ସଂପୂର୍ଣ୍ଣ ଶିକ୍ଷା ସ୍ୱାଧୀନତା ସମସ୍ତଙ୍କ ଦ୍ୱାରରେ ପହଞ୍ଚି ପାରୁନାହିଁ । ଭାରତର ଦଶଟି ଅନଗ୍ରସର ରାଜ୍ୟ ଗୁଡ଼ିକ ଯେଉଁ ରାଜ୍ୟରେ ଆଦିବାସୀ ବସବାସ କରନ୍ତି ସେମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ । ଭାରତର ସମୁଦାୟ ଆଦିବାସୀ ଜନସଂଖ୍ୟାର ୯.୨ ଭାଗ ଓଡ଼ିଶାର ଆଦିବାସୀମାନଙ୍କର ସଂଖ୍ୟା ଏବଂ ଓଡ଼ିଶାର ସମୁଦାୟ ଜନସଂଖ୍ୟାର ୨୨.୮ ଭାଗ ହେଉଛନ୍ତି ଆଦିବାସୀ । (ବାର୍ଷିକ ରିପୋର୍ଟ ୨୦୧୫-୧୬ ଆଦିବାସୀ ମନ୍ତ୍ରାଳୟ ଭାରତ ସରକାର) । ଓଡ଼ିଶାର ସ୍ୱାକ୍ଷରତା ହାର ୨୦୧୧ ଅନୁସାରେ ହେଉଛି ୭୨.୮୭% ଏବଂ କୋରାପୁଟର ସ୍ୱାକ୍ଷରତା ହେଉଛି ୪୯.୧୧ ଭାଗ ହୋଇଥିଲା ବେଳେ କୋରାପୁଟ ଆଦିବାସୀମାନଙ୍କର ସ୍ୱାକ୍ଷରିତ ହାର ହେଉଛି ୩୫.୩୨% ।

ଉପରୋକ୍ତ ପରିସଂଖ୍ୟାନରୁ ଜଣାଯାଏ ଯେ ଓଡ଼ିଶାର କୋରାପୁଟ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କୁ ସଂପୂର୍ଣ୍ଣ ଭାବରେ ଶିକ୍ଷିତ କରିବାକୁ ହେଲେ ଆହୁରି ୭୦ ବର୍ଷ ଦରକାର ପଡ଼ିବ । ମନରେ ସ୍ୱତଃ ପ୍ରଶ୍ନ ଆସେ ଯେ ଏହି ଅଞ୍ଚଳ ଆହୁରି କେତେଦିନ ଏମିତି ଅବହେଳିତ ହୋଇ ରହିବ ? ସରକାରଙ୍କ ଶିକ୍ଷା ନୀତି ଯୋଜନା କାହିଁକି ଫଳପ୍ରଦ ହୋଇପାରୁ ନାହିଁ ? ପ୍ରକୃତରେ ଏହି ଅଞ୍ଚଳରେ ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ଯେମିତି ଆନ୍ଦୋଳନର ଆବଶ୍ୟକତା ପଡୁଥିଲା, ସେହିଭଳି ଆନ୍ଦୋଳନର ଆବଶ୍ୟକତା ରହିଛି । ଆନ୍ଦୋଳନ ଯେ ଶିକ୍ଷା କ୍ଷେତ୍ରରେ ଆବଶ୍ୟକତା ତା ନୁହେଁ, ଅସ୍ପୃଶ୍ୟତା, ଜାତିପ୍ରଥା, ସାଂସ୍କୃତିକ ଓ ଅର୍ଥନୈତିକ ଦିଗରେ ଆନ୍ଦୋଳନ ଦରକାର ।

ପ୍ରାଥମିକ ଶିକ୍ଷାର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ । ସମଗ୍ର ଭାରତ ବର୍ଷରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାରେ ଅନେକ ଆନ୍ଦୋଳନର ଆବଶ୍ୟକତା ପଡ଼ିଥିଲା । କିନ୍ତୁ ପ୍ରାଥମିକ ଶିକ୍ଷାକୁ ଫଳପ୍ରଦ କରିବା ପାଇଁ କେନ୍ଦ୍ର ସରକାର ସମୟାନୁଯାୟୀ ଅନେକ ପଦକ୍ଷେପ ନେଇଛନ୍ତି । ଅଷ୍ଟମ ପଞ୍ଚବାର୍ଷିକ ଯୋଜନାରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥିଲା । ଏପରିକି ବିଶ୍ୱସ୍ତରୀୟ ଅନୁଷ୍ଠାନମାନଙ୍କଠାରୁ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ ମିଳିଥିଲା ଯଦ୍ୱାରା "ସମସ୍ତଙ୍କ ପାଇଁ ଶିକ୍ଷା (Education for all) ଏବଂ ସର୍ବନିମ୍ନ ଶିକ୍ଷଣ (Minimum Level of Learning) ଭଳି କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥିଲା ଏବଂ ନବମ ପଞ୍ଚବାର୍ଷିକ ଯୋଜନାକାଳରେ ଜିଲ୍ଲା ପ୍ରଥମିକ ଶିକ୍ଷା କାର୍ଯ୍ୟକ୍ରମ (District Primary Education Programme)ଭଳି କେତେକ ଶୈକ୍ଷିକ ପଦକ୍ଷେପକୁ ଉତ୍ସାହିତ କରାଯାଇଥିଲା ।

ଦେଶରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ପାଇଁ ଲର୍ଡ଼ କର୍ଜନ ଉଦ୍ୟମ ଅବ୍ୟାହତ ରଖିବା ଦୃଷ୍ଟି କୋଣରୁ ଏହି ଶିକ୍ଷାର ପ୍ରସାର ସମ୍ଭବ ହୋଇନଥିଲା । ତେଣୁ ଭାରତୀୟ ଶିକ୍ଷାପ୍ରେମୀ, ତ୍ରନନାୟକ ଏବଂ ବୁଦ୍ଧିଜୀବୀମାନେ ପ୍ରାଥମିକ ଶିକ୍ଷାକୁ ଅବୈତନିକ ଏବଂ ବାଧ୍ୟତାମୂଳକ କରିବା ପାଇଁ ବାରମ୍ବାର ଦାବି ଉପସ୍ଥାପନ କରିଥିଲେ ସୁଦ୍ଧା ତତ୍କାଳୀନ ବ୍ରିଟିସ ସରକାର ମାନି ନେଇ ନଥିଲେ କିନ୍ତୁ ଗୁଜରାଟ ବରୋଦାର ମହାରାଜା ଗାଇକୋୱାର୍ଡ଼ ଶାହାଜୀ ରାଓ ହାର ମାନି ନଥିଲେ ଓ ପରୀକ୍ଷାମୂଳକ ଭାବରେ ତାଙ୍କ ରାଜ୍ୟରେ ଅମରେଲି ତାଲୁକାରେ ୧୮୯୩ ରେ ଅବୈତନିକ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରବର୍ତ୍ତନ କରିଥିଲେ । ଏହି କାର୍ଯ୍ୟକ୍ରମ ସଫଳ ହେବାରୁ ସାରା ରାଜ୍ୟରେ ଶିକ୍ଷାକୁ ବାଧ୍ୟତାମୂଳକ କରି ପ୍ରାଥମିକ ଶିକ୍ଷା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । କିନ୍ତୁ ଗୋପାଳକୃଷ୍ଣ ଗୋଖଲେ ପ୍ରାଥମିକ ଶିକ୍ଷାକୁ ଅବୈତନିକ ଓ ବାଧ୍ୟତାମୂଳକ କରିବା ପାଇଁ ପୁନର୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ୧୯୧୦ ମସିହା ମାର୍ଚ୍ଚ ୧୯ ତାରିଖରେ ଉଭୟ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାକୁ ବାଧ୍ୟତାମୂଳକ କରିବା ପାଇଁ କେନ୍ଦ୍ରିୟ ବିଧାନ ପରିଷଦ ନିକଟରେ ଦାବି ଉପସ୍ଥାପନ କରି ଏକ ବିଲ ଆଣିଥିଲେ ମଧ୍ୟ ଏହା ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇନଥିଲା ।

ପରବର୍ତ୍ତି ଅବସ୍ଥା ଏତେ ଖରାପ ହେଲା ଯେ ୧୯୩୩ ମସିହାରେ ସାର୍ବଜନୀନ ଶିକ୍ଷା ପାଇଁ ଏକ ଜାଗୃତିମୂଳକ ଡ଼ାକରା ଦେବାକୁ ଗାନ୍ଧିଜୀ ବାଧ୍ୟ ହୋଇଥିଲେ । ଏହାର ଉତ୍ତରରେ ବ୍ରିଟିସ ସରକାର କହିଲେ ଯେ ମଦ ବିକ୍ରିରୁ ମିଳୁଥିବା ରାଜସ୍ୱ ଦ୍ୱାରା କେବଳ ସେହି ଆବଶ୍ୟକତା ପୂରଣ କରାଯାଇ ପାରିବ । ଏହି ଉତ୍ତର ଭାରତୀୟ ମାନଙ୍କୁ ଶିକ୍ଷିତ କରିବା ପାଇଁ ନିଷ୍ଠୁରଉପହାସ ବୋଲି ଗାନ୍ଧଜୀ ବୁଝିଥିଲେ । କିନ୍ତୁ ଗୋଖ୍‌ଲେଙ୍କ ଠାରୁ ଆରମ୍ଭ କରି ଗାନ୍ଧୀ ଯାଏ ଯେତେ ଦୁର୍ବାର ଆନ୍ଦୋଳନ କରିଥିଲେ ସୁଦ୍ଧା ଶିକ୍ଷା ଏକ ଅଧିକାରରେ ପରିଣତ ହେବାକୁ ପ୍ରାୟତଃ ୧୦୦ ବର୍ଷ ଲାଗିଗଲା । ଏପ୍ରିଲ୍ ୧, ୨୦୧୦ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ଦେଶ ଉଦ୍ଦେଶ୍ୟରେ ଏହି ଆଇନ୍ ଉପରେ ଦେଇଥିବା ତାଙ୍କର ଅଭୂତପୂର୍ବ ଅଭିଭାଷଣରେ ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ଅର୍ଥର ଅଭାବକୁ ବାଧା ସୃଷ୍ଟି କରିବାକୁ ଦିଆଯିବ ନାହିଁ ବୋଲି ଅତି ଉତ୍ସାହଜନକ ବକ୍ତବ୍ୟ ପ୍ରଦାନ କରିଥିଲେ ।

ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତିର ମୂଳଧାରା ୪୫ 'ଚଉଦବର୍ଷ ବୟସ ପର୍ଯ୍ୟନ୍ତ ବୋଲି ଉଲ୍ଲେଖ କରିଥିଲା । ମାତ୍ର ଉନ୍ନିକ୍ରିଷ୍ଣନ୍ ରାୟ ବିଚାର 'ଶିଶୁକୁ ଚଉଦ ପୁରିବା ପର୍ଯ୍ୟନ୍ତ' ବୋଲି ଉଲ୍ଲେଖ କରିଥିଲା । ଉଭୟ ସଂଜ୍ଞାରେ ଶିଶୁର ୦ (ଶୂନ) ଠାରୁ ୬ ବର୍ଷର ବୟସକାଳ ଅର୍ନ୍ତଭୁକ୍ତ ହୋଇ ରହିଛି । ଧାରା ୨୧ 'କ' ଶିଶୁର ଶିକ୍ଷାକୁ କେବଳ ୬ ରୁ ୧୪ ବର୍ଷ ବୟସ ମଧ୍ୟରେ ସୀମିତ ରଖି ୦ ରୁ ୬ ବର୍ଷର ବୟସକାଳକୁ ସେହି ଅଧିକାରରୁ ବାଦ ଦେଇଥିଲା ଧାରା ୨୧ 'କ' ଉଲ୍ଲେଖ କଲାଯେ 'ଆଇନ ଅନୁସାରେ ରାଷ୍ଟ୍ର ଯେପରି ନିର୍ଦ୍ଧାରଣ କରିବ ସେହିପରି ଭାବେ ଏହା କାର୍ଯ୍ୟକାରୀ କରାଯିବ । ଅର୍ଥାତ୍ ଆଇନତଃ ଏହାକୁ ଏକ ସମ୍ଭାବ୍ୟ ସ୍ଥିତରେ ରଖାଗଲା । ଏହି ଆଇନର ଶ୍ରମପ୍ରବାହକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଡ଼ିସେମ୍ବର ୨୦୦୨ ରେ ସମ୍ବିଧାନର ୮୯ ତମ ସଂଶୋଧନ ପରେ

ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଯେପରିକି ୨୦୦୩ ଏବଂ ୨୦୦୪ ମସିହାରେ ଏନ୍‌ଡ଼ିଏ ସରକାରଙ୍କ ଦ୍ୱାରା ପିଲାମାନଙ୍କ ସକାଶେ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ବିଲ ଆଗତ ହୋଇଥିଲା । ୨୦୦୫ ମସିହାରେ ୟୁପିଏ ସରକାର ୨ ଥର କରି ବିଲ ଆଗତ କରି ପାରିତ କରି ପାରିନଥିଲେ ୨୦୦୬ ରେ ଏହି ଶିକ୍ଷା ଅଧିକାର ବିଲ୍‌ଟିକୁ କେନ୍ଦ୍ରିୟ ବିଧାନକୁ ଉଠାଇ ଦେଇ ନିଜ ନିଜର ବିଲ ପ୍ରସ୍ତୁତ କରିବା ପାଇଁ ରାଜ୍ୟମାନଙ୍କୁ ପରାମର୍ଶ ଦିଆଗଲା ୨୦୦୯ ରେ କେନ୍ଦ୍ରୀୟ ବିଧାନକୁ ପୁନର୍ବାର ସକ୍ରିୟ କରାଗଲା ଏବଂ ଅଗଷ୍ଟ ୨୦୦୯ ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭକଲା ।

ଶିକ୍ଷା ଅଧିକାର ଆଇନ୍ ୨୦୧୦ କୁ ବିଶ୍ଳେଷଣ କଲେ ଜଣାଯାଏ ଅଦ୍ୟାବଧି ଏହି ଆଇନ୍ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇନାହିଁ । ସମ୍ବିଧାନର ୩୩୦ ଧାରା ଭଳି ଯେପରି କେନ୍ଦ୍ରର ଅଧିକାଂଶ ଆଇନ ଜାମ୍ମୁ କାଶ୍ମୀରରେ ଆପେ ଆପେ ଲାଗୁହୁଏ ନାହିଁ ଠିକ୍ ସେହିପରି ଓଡ଼ିଶା ସରକାରଙ୍କ ଆଇନ୍ କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କାର୍ଯ୍ୟ କରିବା ନେଇ ମନରେ ଦ୍ୱନ୍ଦ୍ୱ ଉପୁଜେ । ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀତା ନେଇ ଏ ଅଞ୍ଚଳରେ କିଛି ଦୃଷ୍ଟି ଗୋଚର ହୁଏ । ଯାହାକୁ ସହଜରେ ଏହା ଦେବା ସମ୍ଭବ ନୁହେଁ । ସେଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

୧) **ପିତାମାତାଙ୍କ ସଚେତନତାର ଅଭାବ-** ଅଧିକାଂଶ ପିଲା ଆଜିର ତାରିଖରେ ମଧ ପ୍ରଥମ ପିଢ଼ିର (1st Generation) ସନ୍ତାନ ସନ୍ତତି ଭାବେ ବିଦ୍ୟାଳୟରେ ପ୍ରବେଶ କରୁଛନ୍ତି ଏମାନଙ୍କ ପିତାମାତା ଶିକ୍ଷାର ଗୁରୁତ୍ୱକୁ ଆଜି ଯାଏ ବୁଝି ପାରିନାହାନ୍ତି । ତେଣୁ ଶିକ୍ଷାର ମୂଲ୍ୟକୁ ବୁଝି ପିଲାକୁ ପ୍ରତିଦିନ ବିଦ୍ୟାଳୟକୁ ପଠାଇବାର ଦାୟିତ୍ୱ ନିର୍ବାହ କରି ପାରନ୍ତି ନାହିଁ ।

୨) **ଅଭିଭାବକମାନଙ୍କ ଦାରିଦ୍ର୍ୟ:-** ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏମିତି ପରିବାର ଅଛନ୍ତି ଯେଉଁମାନେ କି ଦୁଇଓଳି ଦୁଇମୁଠା ଖାଇବାକୁ ପାଆନ୍ତିନାହିଁ । ସେହି ପରିବାରର ପିଲାମାନେ ଗ୍ରାମ ନିକଟରେ ଥିବା ବଣ, ଜଙ୍ଗଲକୁ ଯାଇ ବନଜାତଦ୍ରବ୍ୟ ବାପାମାଆଙ୍କ ସହିତ ସଂଗ୍ରହ କରି ଆଣନ୍ତି । ସେହି ଦ୍ରବ୍ୟଗୁଡ଼ିକୁ ବାପାମାଆ ବଜାରରେ ବିକ୍ରି କରି ସଂସାର ଚଳାନ୍ତି । ସେହିପରି ପରିବାରର ବାପାମାଆ ପିଲାର ବିଦ୍ୟାଳୟକୁ ଯାଆନ୍ତି ନାହିଁ । ସାର୍ବଜନୀନ ଶିକ୍ଷାର ଯେଉଁ ମୁଖ୍ୟ ପ୍ରତିବନ୍ଧକ ଅପଚୟ ଏ ଅଞ୍ଚଳରେ ଦୃଷ୍ଟି ଗୋଚର ହୁଏ । କିନ୍ତୁ ଆବଦ୍ଧତା ପରିଦୃଷ୍ଟ ନହେବାର କାରଣ ୧ମ ରୁ ଅଷ୍ଟମ ଶ୍ରେଣୀ ଯାଏ ଫେଲ୍ ବ୍ୟବସ୍ଥା ନାହିଁ ସମସ୍ତେ କୃତକାର୍ଯ୍ୟ ହୋଇଥାନ୍ତି ।

୩) **ଭାଷା:-** ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରଣ କରିବାରେ ଭାଷା ଏକ ମୁଖ୍ୟ ଅନ୍ତରାୟ । ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ପ୍ରଦାନ ଉପରେ ସମସ୍ତ ଶିକ୍ଷାବିତ୍ ଗୁରୁତ୍ୱ ଦେଇଛନ୍ତି । ଏଠି ଆମକୁ ବୁଝିବାକୁ ହେବ ମାତୃଭାଷା କହିଲେ ମାଆ କୋଳରୁ ଯେଉଁ ଭାଷା ଶିକ୍ଷା କରାଯାଇଥାଏ । ଏହି ଅଞ୍ଚଳରେ ବିଭିନ୍ନ ପ୍ରକାର ଆଦିବାସୀ ବସବାସ କରନ୍ତି । ଯେମିତିକି ଭତରା, ପେଣ୍ଣିଆ, ପରଜା କନ୍ଧ, ଭୂମିଆ, ଇତ୍ୟାଦି... । ସେମାନଙ୍କର କଥିତ ଭାଷା ଆମ ମାତୃଭାଷା ଠାରୁ ଭିନ୍ନ ଅଟେ । ଯେତେବେଳେ ସେହି ପରିବାରର ପିଲାମାନେ ବିଦ୍ୟାଳୟରେ ପାଦ ଦିଅନ୍ତି । ଓଡ଼ିଆଭାଷା ସେମାନଙ୍କପାଇଁ ବିଦେଶୀ ଭାଷା ପରି ମନେ ହୁଏ । ଓଡ଼ିଆ ଭାଷାକୁ ସେମାନେ ମଧ ସହଜରେ ବୁଝିବା ସମ୍ଭବ ହୁଏ ନାହିଁ । ଏହି ସମସ୍ୟାକୁ ହୃଦୟଙ୍ଗମ କରି ଓଡ଼ିଶା ସରକାର କେତେଜଣ ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି କରିଛନ୍ତି ତାହା କିନ୍ତୁ ସବୁ ସ୍କୁଲରେ ନାହାନ୍ତି । ଏହି ଜାଲ୍ଲାର ଏମିତି କୌଣସି ସ୍କୁଲ ନାହିଁ ଯେଉଁଠାରେ ଆଦିବାସୀ ପିଲା ପାଠ ପଢୁନାହାନ୍ତି ବୋଲି କହିବା । RTE ଅନୁସାରେ ପ୍ରତି ସ୍କୁଲରେ ଭାଷା ଭିତ୍ତିକ ଶିକ୍ଷକ ରହିବେ କିନ୍ତୁ ବିଶେଷକରି ଆଦିବାସୀ ଭାଷାର ଶିକ୍ଷକ ନିଯୁକ୍ତି ସବୁ ସ୍କୁଲ ପାଇଁ ସ୍ୱଷ୍ଟ କରିନାହିଁ । ତେଣୁ ସମସ୍ୟା ସାମାଧାନ ହୋଇପାରୁ ନାହିଁ ।

୪) **ଭୌଗଳିକ ଅବସ୍ଥା:-** ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗ୍ରାମଗୁଡ଼ିକ ନାଳ, ନଦୀ, ବଣ, ଜଙ୍ଗଲ ଓ ପାହାଡ଼ ଘେରାରେ ଅବସ୍ଥିତ । ଏମିତିକି ଗାଁ ଅଛି ଯାହାକୁ ଅପହଞ୍ଚ କୁହାଯାଉଛି । ଗମନାଗମନର ସମସ୍ୟା ଆଜିବି ଦଣ୍ଡାୟମାନ । ଆଜିର ସହରାମୁଖୀ କୈନ୍ଦ୍ରିକ ବ୍ୟକ୍ତି ଅପହଞ୍ଚ ଅଞ୍ଚଳରେ ନିଯୁକ୍ତି ପାଇଲେ ଉକ୍ତ ଗ୍ରାମରେ ବସବାସ ନକରି ସହରରେ ଅବସ୍ଥାପନ କରିବା ଦ୍ୱାରା ସ୍କୁଲ ପ୍ରତି ବିମୁଖ ହୋଇଥାନ୍ତି ।

୫) **ନାରୀଶିକ୍ଷା ସମସ୍ୟା:-** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକମାନେ ଆଜିବି ଅନ୍ଧବିଶ୍ୱାସର ବଶବର୍ତ୍ତୀ । ନାରୀଶିକ୍ଷା ପ୍ରତି ବାପାମାଆଙ୍କର ପ୍ରତିକୂଳ ମନୋଭାବ ବଢ଼ିଲା ଝିଅ ପିଲାମାନେ ବାପାମାଆଙ୍କୁ ଘରେ ଏବଂ ବାହାରେ ସାହାଯ୍ୟ କରି ସ୍କୁଲକୁ ଯାଆନ୍ତି ନାହିଁ । କଥାରେ ଅଛି "ମାଆ ହେଲେ ପାଠୋଇ ଦେଶଯିବ ଆଗେଇ" ତାହା କିନ୍ତୁ ଏ ଅଞ୍ଚଳରେ ଏଯାବତ ଦେଖାଯାଉ ନାହିଁ ।

୬) **ଅନୁପଯୁକ୍ତ ପାଠ୍ୟକ୍ରମ:-** ବିଭିନ୍ନ କମିଟି ଓ କମିଶନଙ୍କ ସୁପାରିଶ ଅନୁଯାୟୀ ପାଠ୍ୟକ୍ରମ ମଧ ବାରମ୍ବାର ପରିବର୍ତ୍ତନ ହେଉଛି । ପବ୍ଲିକ୍ ସ୍କୁଲ ପାଠ୍ୟକ୍ରମ ଢ଼ାଞ୍ଚାରେ ପାଠ୍ୟକ୍ରମ ପ୍ରସ୍ତୁତ ହେଲାଣି । ତାହା କିନ୍ତୁ ଆଦିବାସୀ ପିଲାମାନଙ୍କ ଦ୍ୱାରା ଆଦୃତ ହୋଇ ପାରୁ ନାହିଁ । କାରଣ ଆଦିବାସୀମାନେ ତାଙ୍କ ସଂସ୍କୃତି ହେଉଛି ନାଚ ଗୀତ ଭରା । ପାଠ୍ୟକ୍ରମ ତାହା ଉପରେ ଆଧାରିତ ନୁହେଁ । ତେଣୁ ବିଭିନ୍ନ ପରବ ପାଳନ ସମୟରେ ସେ ବିଦ୍ୟାଳୟରେ ଅନୁପସ୍ଥିତ ରୁହେ । ପରବର୍ତ୍ତି ଅବସ୍ଥାରେ ବିଦ୍ୟାଳୟର ପାଠ୍ୟକ୍ରମରେ ଖାପଖୁଆଇ ପାରେ ନାହିଁ । ତା'ର ଏକ ମନସ୍ତାତ୍ତ୍ୱିକ ଭୟ ଆପେ ଆପେ ସୃଷ୍ଟି ହୋଇଯାଏ ଯାହା ଫଳରେ ଆଦିବାସୀ ପିଲାମାନଙ୍କର ଆଖିଦୃଶିଆ ସଫଳତା ମିଳିନଥାଏ ।

ଏତଦ୍ ବ୍ୟତୀତ ଅନେକ ସମସ୍ୟା ଶିକ୍ଷା କ୍ଷେତ୍ରରେ ପରିବେଷ୍ଟିତ ହୋଇ ଏହି ଉପାନ୍ତ ଅଞ୍ଚଳକୁ ଗ୍ରାମ କରିଛି । ଏହି ଉକ୍ତ ସମସ୍ୟାକୁ ସମାଧାନ କରିବାକୁ ହେଲେ ନିମ୍ନଲିଖିତ ସୁପାରିଶ ଗୁଡ଼ିକ ଗ୍ରହଣ କରାଯାଇପାରେ ।

୧) ପ୍ରତ୍ୟେକ ବିଦ୍ୟାଳୟ ନିକଟରେ ଆବାସିକ ଗୃହ ଶିକ୍ଷକଙ୍କୁ ପ୍ରଦାନ କରିବା ।

୨) ପ୍ରତ୍ୟେକ ଶିକ୍ଷକଙ୍କୁ ଆଦିବାସୀ ଭାଷା ଉପରେ ପ୍ରଶିକ୍ଷଣର ବ୍ୟବସ୍ଥା କରିବା ।

୩) ପାଠ୍ୟକ୍ରମରେ ଆଦିବାସୀ ପ୍ରଥା, ପରମ୍ପରା ଓ ସଂସ୍କୃତିର ଦିଗପ୍ରତି ଗୁରୁତ୍ୱାରୋପ କରିବା ।

୪) ଏହି ଅଞ୍ଚଳରେ ବିଦ୍ୟାଳୟଗୁଡ଼ିକର ଛୁଟି ତାଲିକା ଉପକୂଳବର୍ତ୍ତି ଅଞ୍ଚଳ ପରି ନ ହୋଇ ଆଦିବାସୀମାନଙ୍କର ପରବ, ସଂସ୍କୃତି, ପ୍ରଥା ଓ ପରମ୍ପରା ଉପରେ ଆଧାରିତ ହେବା ଜରୁରୀ ।

୫) ପ୍ରତ୍ୟେକ ବିଦ୍ୟାଳୟକୁ ଏ ଅଞ୍ଚଳରେ ଆବାସିକ ବିଦ୍ୟାଳୟରେ ପରିଣତ କରିବା ।

୬) ଏହି ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷକଙ୍କୁ ସ୍ୱାସ୍ଥ୍ୟ ବିଭାଗ ପରି ସ୍ୱତନ୍ତ୍ର ପ୍ରୋତ୍ସାହନ ଭତ୍ତା ଦିଆଯିବା ଆବଶ୍ୟକ ।

୭) ପ୍ରତ୍ୟେକ ବିଦ୍ୟାଳୟରେ ଆଦିବାସୀ ଭାଷା ଭିତ୍ତିକ ଶିକ୍ଷକ ନିଯୁକ୍ତି ହେବା ଉଚିତ୍ ।

୮) ଶିକ୍ଷକ ନିଯୁକ୍ତିରେ କୌଣସି ତାରତମ୍ୟ ରଖିବା ଅନୁଚିତ୍ । ସମାନ କାମକୁ ସମାନ ଦରମା ଦେବା ଉପରେ ଗୁରୁତ୍ୱାରୋପ କରିବା ।


୯) ଶାରୀରିକ ଅସୁସ୍ଥତାସମ୍ପନ୍ନ ଶିଶୁମାନଙ୍କୁ ନବା ଆଣିବା ଅଭିଭାବକମାନଙ୍କୁ ଆଇ.ଟି.ଇ ନିୟମ ଅନୁସାରେ ସ୍ଥିର କରାଯାଇଥିବା ଅର୍ଥକୁ ସ୍ୱଷ୍ଟ କରିବା ଏବଂ ବିତରଣ କରିବା ଉପରେ ଗୁରୁତ୍ୱାରୋପ କରିବା ।

୧୦) ସେହିପରି ବ୍ରିଜ୍ କୋର୍ସ କରାଉଥିବା ଶିକ୍ଷକମାନଙ୍କର ପ୍ରାପ୍ୟକୁ ତୁରନ୍ତ ପ୍ରଦାନ କରିବା ।


ଉପରୋକ୍ତ ଦିଗଗୁଡ଼ିକର ଆଶୁ ସମାଧାନ କରାଇ ପାରିଲେ ସାର୍ବଜନୀନ ଶିକ୍ଷା ଓ RTE ର ଲକ୍ଷ୍ୟ ପୂରଣ ହୋଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

## ନିର୍ମାଣ ଶ୍ରମିକଙ୍କୁ କଲ୍ୟାଣ କୋଷରୁ ମିଳୁଥିବା ବିଭିନ୍ନ ସୁବିଧା ସଂପର୍କରେ ଏଠାରେ ସୂଚନା ପ୍ରଦାନ କରାଗଲା ।

| କ୍ର.ନଂ | ବିଭିନ୍ନ ଯୋଜନାରେ ଶ୍ରମିକଙ୍କୁ ମିଳୁଥିବା ଆର୍ଥିକ ସହାୟତା | ଅର୍ଥ ସହାୟତା ରାଶି |
|---|---|---|
| ୧ | ଶ୍ରମିକର ଦୁର୍ଘଟଣାରେ ମୃତ୍ୟୁ ହେଲେ | ୨ ଲକ୍ଷ ଟଙ୍କା |
| ୨ | ସ୍ୱାଭାବିକ/ସାଧାରଣ ମୃତ୍ୟୁ ହେଲେ | ୧ ଲକ୍ଷ ଟଙ୍କା |
| ୩ | ଶ୍ରମିକର ମୃତ୍ୟୁ ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ | ୫,୦୦୦/- |
| ୪ | ଶ୍ରମିକ ଦୁର୍ଘଟଣାରେ ପଡ଼ିଲେ ସହାୟତା ବା ଅକ୍ଷମତା / କ୍ଷତି ଅନୁପାତରେ | ୧ ଲକ୍ଷ ୭୫ ହାଜାର ପର୍ଯ୍ୟନ୍ତ |
| ୫ | ଶ୍ରମିକଙ୍କୁ ବୃତ୍ତିଭିତ୍ତିକ ପେନସନ୍ ସହାୟତା | ମାସିକ ଟ.୫୦୦/- |
| ୬ | ଦୂରାରୋଗ୍ୟ ବ୍ୟାଧି ଯଥା: କ୍ୟାନ୍‌ସର, ହୃଦ୍ ରୋଗ ଓ ବୃକ୍‌କ ଆଦି ଚିକିତ୍ସା ସହାୟ | ସମସ୍ତ ଖର୍ଚ୍ଚର ସହାୟତା । |
| ୭ | ଯନ୍ତ୍ରପାତି କ୍ରୟ ସହାୟତା | ୪,୦୦୦/- |
| ୮ | ଗୃହ ନିର୍ମାଣ ପାଇଁ ସହାୟତା | ୧ ଲକ୍ଷ ୫୦ ହଜାର ଟଙ୍କା |
| ୯ | ଶ୍ରମିକର କୁଶଳତା ବୃଦ୍ଧି (Skill development) ନିମନ୍ତେ ସହାୟତା | ୬,୦୦୦/- |
| ୧୦ | ମାତୃତ୍ୱ କାଳୀନ (Materanity benifite) ଦୁଇଟି ସନ୍ତାନ ପାଇଁ ସହାୟତା | ୨୦,୦୦୦/- |
| ୧୧ | ଶ୍ରମିକର ଦୁଇଟି ଝିଅ ବାହାଘର ପାଇଁ ସହାୟତା | ୫୦ ହଜାର ଟଙ୍କା |
| ୧୨ | ସୁରକ୍ଷା ଜନିତ ଓ ସାଇକେଲ କ୍ରୟ ପାଇଁ ସହାୟତ | ୫ ହଜାର ଟଙ୍କା |






**Some of our efforts in a bid to turn Coalfields into 'Green Fields' are.....**

- Planting over 5.15 million trees in and around MCL's command area in Odisha.
- Being the 1st company to introduce Eco-friendly Surface Miner In 1999, which completely eliminates drilling, blasting and crushing operations in mining of coal.
- Installing Mobile Water Sprinklers, Fixed Automatic Sprinklers, Instant Showering Systems and Mist Spraying arrangements at CHP to reduce air pollution.
- Treating industrial waste water in Mine Discharge Treatment Plant and introducing Sedimentation ponds, oil & grease traps in workshops and domestic effluent treatment plant in colonies to help minimise pollution.

ମହାନଦୀ କୋଲ୍‌ଫିଲଡ଼ସ୍ ଲିମିଟେଡ୍
महानदी कोलफील्डस लिमिटेड
**Mahanadi Coalfields Limited**
*(A subsidiary of Coal India Limited)*

**Corporate Office: Jagruti Vihar, Burla,Sambalpur, Odisha – 768020, www.mahanadicoal.in**



ଧରମା ଫାଉଣ୍ଡେସନ (ଟ୍ରଷ୍ଟ) ପକ୍ଷରୁ ସୁଷମା ସାହୁଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ । ଯୋଗାଯୋଗ: ପ୍ଲଟ ନଂ - ୨୫, ମଧୁସୁଦନ ନଗର, ୟୁନିଟ-୪, ଭୁବନେଶ୍ୱର - ୭୫୧୦୦୧, ଓଡ଼ିଶା, ଦୂରଭାଷ :୮୯୧୭୨୩୯୧୯୮

Printed at Print-Tech offset Pvt. Ltd., C.S.Pur, BBSR.

E-mail: dharamafoundation@gmail.com, psm.odisha@gmail.com

Chief Editor: **Dr. Golak Bihari Nath**

Editor: **Rakshyakar Anupam**

ସହଯୋଗ ରାଶି: ଟ. ୧୦/-